

ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
- ନେତାଜୀ ସୁଭାଷ ବୋଷ



## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୬।୬।୨୦୧୯(ରବିବାର)**

**ଭୁବନେଶ୍ୱର**

- ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ପ୍ରୟାସ ପକ୍ଷରୁ ରଜ ମହୋତ୍ସବ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୨, ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା।
- ସୋସାଇଟି ଫର ନେଚର ଏଜୁକେଶନ ଆଣ୍ଡ ହେଲଥ୍ ପକ୍ଷରୁ ରଜ ଉତ୍ସବ, ସାଲିଆ ସାହି, ଅପରାହ୍ନ ୫ଟା।
- ରାଓ୍ୱା ଏକାଡେମୀ ପକ୍ଷରୁ ସ୍ମୃତିଚାରଣ ଦିବସ, ହୋଟେଲ ଏମ୍ପାୟର୍ସ, ଶହୀଦ ନଗର, ସନ୍ଧ୍ୟା ୬ଟା ୩୦।
- ଫକୀର ମୋହନ ନଗର ସିଟିଜେନ୍ସ କାଉନ୍‌ସିଲ ପକ୍ଷରୁ ରଜର ଉଦ୍‌ଯାପନୀ ଉତ୍ସବ, ରୋଟାରି କମ୍ୟୁନିଟି ସେଣ୍ଟର, ସରକାରୀ ଉ.ପ୍ରା. ବିଦ୍ୟାଳୟ ସନ୍ନିକଟ, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ଏକାମ୍ର ଚନ୍ଦନ ମହୋତ୍ସବ, ଗୋସାଗୋରେଶ୍ୱର ମନ୍ଦିର ପରିସର, ପୁରୁଣା ଭୁବନେଶ୍ୱର, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ରଜ ଉପଲକ୍ଷେ ଚଇତାଳି ଘୋଡ଼ା ନାଚ ପରିବେଷଣ, ଭୁବନପୁର, ମା' ଉତ୍ତରମୁଖି ପୀଠ, ପୂର୍ବାହ୍ନ ୧୦ଟା।

**ସାକ୍ଷୀଗୋପାଳ**

- ସତ୍ୟବାଦୀ କଳା ସଂସଦ ଆନୁକୂଲ୍ୟରେ ରଜ ମହୋତ୍ସବ, ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସନ୍ଧ୍ୟା ୬ ଟା।

**ଖୋର୍ଦ୍ଧା**

- ବରୁଣେଇ ରଜ ମହୋତ୍ସବର ଦ୍ୱିତୀୟ ଦିବସ, ବରୁଣେଇ ପୀଠ, ଅପରାହ୍ନ ୪ଟା।

**୧୭।୬।୨୦୧୯(ସୋମବାର)**

**ପୁରୀ**

- ରାପିଡ ରେସପନ୍ସ ଅନୁଷ୍ଠାନ ପକ୍ଷରୁ ଏକ ପ୍ରୋଜେକ୍ଟର ଶୁଭାରମ୍ଭ, ରଘୁରାଜପୁର, ଅପରାହ୍ନ ୫ଟା ୩୦।

**ଖୋର୍ଦ୍ଧା**

- ବରୁଣେଇ ରଜ ମହୋତ୍ସବର ଉଦ୍‌ଯାପନ ଦିବସ, ବରୁଣେଇ ପୀଠ, ଅପରାହ୍ନ ୪ ଟା।

**ବାଲିଅନ୍ତା**

- ରଜ ଉପଲକ୍ଷେ ଚଇତାଳି ଘୋଡ଼ା ନାଚ ପରିବେଷଣ, ଭୁବନପୁର, ମା' ଉତ୍ତରମୁଖି ପୀଠ, ପୂର୍ବାହ୍ନ ୧୦ଟା।

**୧୮।୬।୨୦୧୯(ମଙ୍ଗଳବାର)**

**ଭୁବନେଶ୍ୱର**

- ସନ୍ଦୀପନା ଏକାଡେମୀର ବାର୍ଷିକ ଉତ୍ସବ, ବୁଦ୍ଧ ସୋସାଇଟି କ୍ୟାମ୍ପସ, ୟୁନିଟ-୩, ଅପରାହ୍ନ ୫ଟା।

**ବାଲିଅନ୍ତା**

- ରଜ ଉପଲକ୍ଷେ ଚଇତାଳି ଘୋଡ଼ା ନାଚ ପରିବେଷଣ, ଭୁବନପୁର, ମା' ଉତ୍ତରମୁଖି ପୀଠ, ପୂର୍ବାହ୍ନ ୧୦ଟା।

**୧୯।୬।୨୦୧୯(ବୁଧବାର)**

**ବାଲିଅନ୍ତା**

- ରଜ ଉପଲକ୍ଷେ ଚଇତାଳି ଘୋଡ଼ା ନାଚ ପରିବେଷଣ, ଭୁବନପୁର, ମା' ଉତ୍ତରମୁଖି ପୀଠ, ପୂର୍ବାହ୍ନ ୧୦ଟା।

**୨୦।୬।୨୦୧୯(ଗୁରୁବାର)**

**ବାଲିଅନ୍ତା**

- ରଜ ଉପଲକ୍ଷେ ଚଇତାଳି ଘୋଡ଼ା ନାଚ ପରିବେଷଣ, ଭୁବନପୁର, ମା' ଉତ୍ତରମୁଖି ପୀଠ, ପୂର୍ବାହ୍ନ ୧୦ଟା।

# ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ନର୍କ ଯନ୍ତ୍ରଣା

## କମାଣ୍ଡାଣ୍ଟଙ୍କ ବିରୋଧରେ ଆଉ ଜଣେ ଆଣିଲେ ଅଭିଯୋଗ

- ଅଧିକାରୀଙ୍କ ବ୍ୟବହାରରେ ସମସ୍ତେ ଅତିଷ୍ଠ
- ପାଣି, ଖାଦ୍ୟ ପାଇଁ ଅସୁସ୍ଥ ହୋଇପଡୁଛନ୍ତି ପ୍ରଶିକ୍ଷାର୍ଥୀ
- ମୁହଁ ଖୋଲିଲେ ଚାକିରି ନେଇଯିବାର ଧମକ

**ଭୁବନେଶ୍ୱର,୧୫।୬(ବ୍ୟୁରୋ)**

ଚନ୍ଦକାସ୍ଥିତ ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ଦିଆଯାଉଛି ଅକଥନୀୟ ନିର୍ଯାତନା। ଟ୍ରେନିଂ ନେଉଥିବା ଯବାନ, ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଦିଆଯାଉନି ଭଲ ଖାଦ୍ୟ। ପାଣିସମସ୍ୟା ବିଲାଗିରହିଛି। ଫଳରେ ଦୁର୍ବଳ ଶରୀରରେ ଦୌଡ଼ିବା ସହ ବିଭିନ୍ନ କଷ୍ଟଦାୟକ ଶାରୀରିକ ପ୍ରଶିକ୍ଷଣ ନେଉଥିବାରୁ ଅଧିକାଂଶ ସମୟରେ ସେମାନେ ଅସୁସ୍ଥ ହୋଇପଡୁଛନ୍ତି। ଅସୁସ୍ଥ ହେଲେ ବି ଆବଶ୍ୟକ ଚିକିତ୍ସା ଓ ବିଶ୍ରାମ ପାଇଁ ସୁଯୋଗ ଦିଆଯାଉନି। ଓଲଟା ଗାଳି ଓ ଦୁର୍ବ୍ୟବହାରର ଶିକାର ହେବାକୁ ପଡୁଛି। ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ଏପରି ନର୍କ ଯନ୍ତ୍ରଣା ନେଇ ମୁହଁ ଖୋଲିଲେ ଦିଆଯାଉଛି ନିର୍ଯାତନା। ଚାକିରି ନେଇଯିବାର ଧମକ ଦିଆଯାଉଛି। ଏସ୍‌ଓଜି କମାଣ୍ଡାଣ୍ଟ ତଥା ଆଇପିଏସ୍ ଅଧିକାରୀ ଅନିରୁଦ୍ଧ ସିଂଙ୍କ ବିରୋଧରେ ଶନିବାର ଏପରି ଅଭିଯୋଗ ଆଣିଛନ୍ତି ଟ୍ରେନିଂ ନେଉଥିବା ଆଉଜଣେ ପୋଲିସ ଏସ୍‌ଆଇ ରଶ୍ମିରଞ୍ଜନ ମଲ୍ଲିକ (୩୧)। ତାଙ୍କୁ ଅଭିଯୋଗ ପାଇଁ ଛଡ଼ା ନ ଯିବାରୁ



ସେ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହଯୋଗରେ ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାସହ ରାଜ୍ୟ ପୋଲିସ ଡିଜି, ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି), ରାଜ୍ୟ ଗୃହସଚିବଙ୍କ ନିକଟକୁ ଅଭିଯୋଗପତ୍ର ପଠାଇଛନ୍ତି। କୋରାପୁଟ ଜିଲା ସିମିଳିଗୁଡା ଥାନାର ଏସ୍‌ଆଇ ରଶ୍ମିରଞ୍ଜନଙ୍କ ଅଭିଯୋଗ ଅନୁଯାୟୀ, ସେ ଦେଢମାସ ହେବ ଚନ୍ଦକା ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ରହି ପୋଲିସ ଟ୍ରେନିଂ ନେଉଛନ୍ତି। ମେ ୨୪ରେ ତାଙ୍କ ଦେହ ଅସୁସ୍ଥ ହୋଇପଡିବାରୁ କ୍ୟାମ୍ପସରେ ଥିବା ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ୨୭ ତାରିଖରେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ପରୀକ୍ଷା ନିରୀକ୍ଷା ପରେ ତାଙ୍କୁ ଜ୍ୱର ହୋଇଥିବା ଓ ସ୍ଥିତି ଜଟିଳ ଥିବାରୁ ଆବଶ୍ୟକ ଚିକିତ୍ସା କରାଯାଇଥିଲା। ଡାକ୍ତର ମେଡିସିନ ଦେବା ସହ ବିଶ୍ରାମ ନେବାକୁ ପରାମର୍ଶ ଦେଇଥିଲେ। ଏହାପରେ ସେ କ୍ୟାପିଟାଲ ହସ୍ପିଟାଲରୁ ଏସ୍‌ଓଜି ଟ୍ରେନିଂ ସେଣ୍ଟରକୁ ଫେରିଥିଲେ। ହେଲେ ସେଠାରେ ପିଇବାକୁ ଓ ଶୌଚ ପାଇଁ ପାଣି ନ ଥିଲା। ଖାଇବା ଅବସ୍ଥାରେ ଖାଦ୍ୟ ନ ଥିଲା। ଜ୍ୱର ଦେହରେ ତାଙ୍କୁ ଟ୍ରେନିଂ ନେବାକୁ ପଡୁଥିଲା। ଫଳରେ ଦେହ ସୁସ୍ଥ ହେବା ପରିବର୍ତ୍ତେ ଅଧିକ ଖରାପ ହୋଇପଡିଥିଲା। ଶେଷରେ ବାଧ୍ୟହୋଇ ରଶ୍ମିରଞ୍ଜନ ଗତ ୧ ତାରିଖରେ ଘରକୁ ପଳାଇଥିଲେ। ସେ ସମୟରେ କୌଣସି ଅଧିକାରୀ ନ ଥିବାରୁ ଛୁଟି ଦରଖାସ୍ତ ଦେଇପାରି ନ ଥିଲେ। ସୁସ୍ଥ ହୋଇ ଗତ ୬ ତାରିଖରେ ଟ୍ରେନିଂ ସେଣ୍ଟରକୁ ଫେରି କମାଣ୍ଡାଣ୍ଟଙ୍କୁ ଭେଟି ଏ ସଂକ୍ରାନ୍ତରେ ଜଣାଇଥିଲେ ମଧ୍ୟ ସେ କିଛି ନ ଶୁଣି ଓଲଟା ଗାଳିଗୁଲଜ କରିଥିଲେ। ଏପରିକି କମାଣ୍ଡାଣ୍ଟ ସିଂ ତାଙ୍କୁ ଓ ଅନ୍ୟମାନଙ୍କୁ ଏଭଳି ନାନା ଦୁର୍ବ୍ୟବହାର କରୁଥିବା ନେଇ ରଶ୍ମିରଞ୍ଜନ ତାଙ୍କ ଅଭିଯୋଗଫର୍ଦ୍ଦରେ ଉଲ୍ଲେଖ କରିଛନ୍ତି। ଏନେଇ କମାଣ୍ଡାଣ୍ଟ ଅନିରୁଦ୍ଧ ସିଂ କହିଛନ୍ତି, ଏଭଳି ଅଭିଯୋଗ ମିଛ। ସେମାନଙ୍କୁ ନିୟମ ଅନୁଯାୟୀ ଟ୍ରେନିଂ ଦିଆଯାଉଛି। ହେଲେ ମିଛ ଦେହ ଅସୁସ୍ଥ କହି ଟ୍ରେନିଂ ନ କରିବା ପାଇଁ ସେମାନେ ଏଭଳି ନାଟକ କରୁଛନ୍ତି।

### ବଦନାମ ଭୟ, ଚପାଇଦେବାକୁ ଉଦ୍ୟମ

ଗତ ୧୨ ତାରିଖରେ ୪୨ ଡିଗ୍ରୀ ଖରାରେ ପୋଲିସ ଅଫିସରମାନଙ୍କୁ ଟ୍ରେନିଂ ଦିଆଯାଉଥିଲା। ଫଳରେ ଜଣେ ମହିଳା ଅଫିସରଙ୍କ ସମେତ ୨୪ଜଣ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ଆମ୍ବୁଲାନ୍ସ ବଦଳରେ ସ୍କୁଟି ଓ ଅନ୍ୟ ଗାଡ଼ିରେ ହସ୍ପିଟାଲ ବୋହି ନିଆଯାଇଥିଲା। ଅଧିକାଂଶ ଅଚେତ ହୋଇପଡିଥିଲେ। ସେମାନଙ୍କୁ ଅକ୍ସିଜେନ ଓ ସାଲାଇନ୍ ନେବାକୁ ପଡ଼ିଥିଲା। ଏହି ଘଟଣାକୁ ନେଇ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଉକ୍ତ ଦିନ ଏସ୍‌ଓଜି କମାଣ୍ଡାଣ୍ଟ ଅନିରୁଦ୍ଧ ସିଂଙ୍କ ନାମରେ ଟ୍ରେନିଂ ନେଉଥିବା ଜଣେ କେନ୍ଦୁଝର ଜିଲା ଘଟଗାଁ ଥାନାର ଏସ୍‌ଆଇ ବିଶ୍ୱଜିତ ବେହେରା ନିର୍ଯାତନା ଅଭିଯୋଗ ଆଣିଥିଲେ। ତାଙ୍କୁ ଅଭିଯୋଗ ପାଇଁ ଛଡ଼ା ନ ଯିବାରୁ ସେ ଅନ୍‌ଲାଇନ୍‌ରେ ଚନ୍ଦକା ଥାନା ଓ ଏନ୍‌ଏଚ୍‌ଆର୍‌ସିଙ୍କୁ ପତ୍ର ପଠାଇଥିଲେ। ଘଟଣା ସଂକ୍ରାନ୍ତରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଚନ୍ଦକା ଏସ୍‌ଓଜି ସେଣ୍ଟରର ଗୁମର ପଦାକୁ ଆସିଥିଲା। ଏଯାଏ ଉକ୍ତ ଘଟଣା ନେଇ ଥାନାରେ କୌଣସି ମାମଲା ହୋଇ ନ ଥିବାବେଳେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ମଧ୍ୟ ହୋଇନାହିଁ। ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ଗୃହ ବିଭାଗ ବି ଚୁପ୍ ବସିଛି। ପୋଲିସ ବିଭାଗ ବଦନାମ ଭୟରେ ପୂରା ଘଟଣାକୁ ଚପାଇଦେବାକୁ ଉଦ୍ୟମ ହେଉଥିବା ଚର୍ଚ୍ଚା ଚାଲିଛି। ଏପରିସ୍ଥଳେ ପୁଣି ଏକ ନିର୍ଯାତନା ଅଭିଯୋଗ କମାଣ୍ଡାଣ୍ଟ ସିଂଙ୍କ ବିରୋଧରେ ଆସିଛି। ଫଳରେ ଏସ୍‌ଓଜି ଟ୍ରେନିଂ ସେଣ୍ଟରର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଅଭିଯୋଗ ଉପରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ଓ ସମ୍ପୃକ୍ତ କମାଣ୍ଡାଣ୍ଟଙ୍କୁ ସେଠାରୁ ବଦଳି ନ କରାଯାଏ ତେବେ ସମସ୍ତ ଟ୍ରେନି ଏସ୍‌ଓଜି ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ପୋଲିସ ଡିଜି ଆର୍‌.ପି. ଶର୍ମା କହିଛନ୍ତି, ମୁଁ ଛୁଟିରେ ରାଜ୍ୟ ବାହାରେ ଅଛି। ସୋମବାର ଫେରିବା ପରେ ଘଟଣାର ତଦନ୍ତ କରାଯିବ। ଏଥିସହ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶର୍ମା କହିଛନ୍ତି।




ରବିବାର ହେବାକୁ ଥିବା ବିଶ୍ୱକପ୍ ମ୍ୟାଚ୍‌ରେ ଭାରତର ବିଜୟ କାମନା କରି ଶନିବାର ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ମାଈ ମାଙ୍କଡ଼ କଳା ମାର୍ମୋସେଟ ମୃତ

**ବାରଙ୍ଗ,୧୫।୬(ଡି.ଏନ୍.ଏ.)**

ଦ୍ୱିତୀୟ ରଜରେ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ କରାଯାଇଥିବା ବ୍ୟବସ୍ଥାର ସୁପରିଚାଳନା ପାଇଁ ସମସ୍ତ ଅଧିକାରୀମାନେ ବ୍ୟସ୍ତ ଥିବାବେଳେ ଶନିବାର ଏକ ମାଈ ମାଙ୍କଡ଼ କଳା ମାର୍ମୋସେଟର ମୃତ୍ୟୁ ସମସ୍ତଙ୍କୁ ଦୁଃଖ ଦେଇଛି। ଏହି ମାଈ ମାର୍ମୋସେଟଟି ଗତ କିଛିଦିନ ହେବ ଅସୁସ୍ଥ ରହିଥିଲା। ତା'ର ଚିକିତ୍ସା ଏଠାକାର ଡାକ୍ତରମାନେ କରୁଥିଲେ। କିନ୍ତୁ ଶୁକ୍ରବାର ତା' ଏନକ୍ଲୋଜରରେ ଥିବା ସାଥୀ ମାର୍ମୋସେଟ ସହ ମାଡଗୋଳ ଯୋଗୁ ତାର ଲାଞ୍ଜଟି ଭାଙ୍ଗି ଯାଇଥିଲା। ସଙ୍ଗେ ସଙ୍ଗେ ତା'ର ଚିକିତ୍ସା ମଧ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ ଶନିବାର ଅପରାହ୍ନ ୪ଟାରେ ତା'ର ମୃତ୍ୟୁ ଘଟିଥିଲା। ମାଙ୍କଡ଼ ପ୍ରଜାତିର ଛୋଟ ହେଉଛି ମାର୍ମୋସେଟ। ୨୦୧୬ ଜୁଲାଇ୨୨ରେ ମାର୍ମୋସେଟମାନଙ୍କ ବଂଶ ନନ୍ଦନକାନନରେ ଲୋପ ପାଇଯାଇଥିଲା। ଏହାପରେ ୨୫ ମାର୍ଚ୍ଚ ୨୦୧୮ରେ ତାମିଲନାଡୁର ମଦୁରାଇର ଏକ ଘରୋଇ ସଂସ୍ଥାରୁ ହଳେ କଳାମାର୍ମୋସେଟ କିଣାହୋଇ ଆସିଥିଲା। ୭ ମାର୍ଚ୍ଚ ୨୦୧୯ରେ ମଧ୍ୟ ସେହି ଘରୋଇସଂସ୍ଥାରୁ ପୁଣି ହଳେ କିଣାହେବାରୁ ଏମାନଙ୍କ ସଂଖ୍ୟା ବୃଦ୍ଧିପାଇ ୪ରେ ପହଞ୍ଚିଥିଲା। ଏବେ ଗୋଟିଏ ମାଈ କଳାମାର୍ମୋସେଟ ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୩ରେ ପହଞ୍ଚିଛି। ସେଥିମଧ୍ୟରେ ୨ଅଣ୍ଡିରା ଓ ଗୋଟିଏ ମାଈ ରହିଛି।

# ମହିଳାଙ୍କୁ ବିଷ ପିଆଇ ହତ୍ୟା ଘଟଣା, ସ୍ୱାମୀ ଗିରଫ

**ଖୁଣ୍ଟୁଣୀ,୧୫।୬(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଅଧୀନ ଜେନାପୁର ଗ୍ରାମର ଶୀଳା ପ୍ରଧାନ ନାମକ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ଏହି ଘଟଣାରେ ଶନିବାର ପୋଲିସ ଶୀଳାଙ୍କ ସ୍ୱାମୀ ଶ୍ରୀନିବାସ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷରେ ଅଭିଯୋଗ ହୋଇଥିବା ଅନ୍ୟ ୩ଜଣଙ୍କ ବିରୋଧରେ ତଦନ୍ତ ଜାରି ରହିଥିବା ଆଇଆଇସି ସୁଚିତ୍ର ବିର୍ଯ୍ୟ ଦାସ କହିଛନ୍ତି। ସୂଚନା ଅନୁଯାୟୀ, ଆଠଗଡ ଥାନା ଅନ୍ତର୍ଗତ ଧାଇପୁର ଗ୍ରାମର ଶୀଳା ଗତ ୧୦ବର୍ଷ ପୂର୍ବେ ଖୁଣ୍ଟୁଣୀ ଥାନା ଅଧୀନ ଜେନାପୁର ଗ୍ରାମର ଶ୍ରୀନିବାସଙ୍କୁ ବିବାହ କରିଥିଲେ। ଗତ ଗୁରୁବାର ରଜ ପର୍ବ ପାଇଁ ଉଭୟ ସ୍ୱାମୀ-ସ୍ତ୍ରୀ ଲୁଗା କିଣିବାକୁ ବଜାରକୁ ଯାଇଥିଲେ। ଘରକୁ ଫେରିବା ପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ରାତି ପ୍ରାୟ ୧ଟା ରେ ଝିଅ କାନ୍ଦିବାରୁ ଶ୍ରୀନିବାସ ଶୀଳାଙ୍କୁ ଡାକିଥିଲେ ମଧ୍ୟ ସେ ଉଠି ନ ଥିଲେ। ପରେ ଶ୍ରୀନିବାସ ପାଖ ପଡୋଶୀଙ୍କୁ ଡାକିଥିଲେ ମଧ୍ୟ ଶୀଳାଙ୍କୁ ଡାକ୍ତରଖାନା ନେଇ ନ ଥିଲେ। ଖବରପାଇ ଶୁକ୍ରବାର ପୋଲିସ ପହଞ୍ଚି ଶୀଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶୀଳାଙ୍କ ବାପା ବଳଭଦ୍ର ପ୍ରଧାନ ତାଙ୍କ ଝିଅକୁ ଶାରୀରିକ ନିର୍ଯାତନା ଦେବା ସହ ଶାଶୁ ସୁଲୋଚନା, ଯା' ଟିକି, ଦେଢଶୁର ଟୈଳ ସାହୁ ଓ ସ୍ୱାମୀ ଶ୍ରୀନିବାସ ମିଳିତଭାବେ ବିଷ ପିଆଇ ମାରି ଦେଇଛନ୍ତି ବୋଲି ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୩୦୨ ରେ ହତ୍ୟା ମାମଲା(ନଂ. ୫୩/୧୯)ରୁଜୁ କରି ତଦନ୍ତ ଚଳାଇଥିଲା।



ରଥଖଳାରୁ...

## ତିନିରଥର ଦଣ୍ଡା ଉଠିଲା

**ପୁରୀ ଅଫିସ,୧୫।୬**

ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଛି ରଥକାମ। ଶ୍ରୀନଅର ସମ୍ମୁଖ ରଥଖଳାରେ ତିନି ମୁଖ୍ୟ ମହାରଣାଙ୍କ ନେତୃତ୍ୱରେ ଦ୍ରୁତଗତିରେ ଚାଲିଛି ରଥକାମ। ଶନିବାର ତିନି ରଥର ଦଣ୍ଡା ଉଠିଛି। କ୍ରମିକ ନମ୍ବର ଅନୁସାରେ ଅଖ ଉପରେ ଦଣ୍ଡାକୁ ସେଟ୍ କରାଯାଇଛି। ଦଣ୍ଡାରେ କଣଗୁଜ, ମୁହାଁଟ, ପାର୍ଶ୍ୱ ମୁହାଁଟ ସଂଯୋଗ କରାଯାଇ ନିରାଡ଼ି ଉଠାଯାଇଛି। ନନ୍ଦିଘୋଷ ଓ ତାଳଧ୍ୱଜ ରଥରେ ୧୬ଟି ଓ ଦର୍ପଦଳନ ରଥରେ ୧୨ଟି କଣଗୁଜ ଲାଗିଛି। ସମୁଦାୟ ତିନି ରଥରେ ୪୪ଟି କଣଗୁଜ ରହିଛି। ଶନିବାର ସୁଦ୍ଧା ତିନିରଥର ନାହାକ ଓ ଗରଗରା କାଠ ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସ୍ନାନପୂର୍ଣ୍ଣମୀରେ ୪ନାହାକ ଉଠିବ। ଏଥିଲାଗି ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ର କହିଛନ୍ତି। ରୂପକାର ସେବକ ସିଂହାସନ କାମ କରୁଛନ୍ତି। ଦେଳବେଦି କୋଣରେ କମାରସେବକମାନେ ଲୁହାକଣ୍ଟା ତିଆରିରେ ଲାଗିଛନ୍ତି। ଅନ୍ୟପଟେ ଦରଜି ସେବକମାନେ ସ୍ନାନ ପୂର୍ଣ୍ଣମୀ ଲାଗି ଚାନ୍ଦୁଆ ମରାମତି କାମରେ ବ୍ୟସ୍ତ ରହିଛନ୍ତି। ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ର କହିଛନ୍ତି, ସ୍ନାନ ପୂର୍ଣ୍ଣମୀରେ ମହାପ୍ରଭୁଙ୍କ ଲାଗି ଲୁଗା ଓ ୧୪ଟି ଚାନ୍ଦୁଆ ମରାମତି କାମ ଚାଲିଛି। ୧୪ଟି ଚାନ୍ଦୁଆରୁ ୧୨ଟି ଭଲ ରହିଛି। ୨ଟି ସାମାନ୍ୟ ଚିରାଫଟା ଥିବାରୁ ମରାମତି କରାଯାଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସୀମା



ପ୍ରଶାନ୍ତ



ସୋନୁ



ସିପୁ



ପ୍ରଦୀପ



ୟୁନୁସ



ବିଶ୍ୱ



ହେମନ୍ତ

ଅନ୍ୟର ଧନ ଅପହରଣ, ମିତ୍ରକୁ ଅପମାନ ଦେବା ତଥା ଚରିତ୍ରହୀନତା ଏଇ ତିନିଗୁଣ ବିନାଶକୁ ଡାକିଆଣେ।
- ମହାତ୍ମା ଗାନ୍ଧୀ





ପୁରୀ ବୁଢ଼ୀମା' ତୋଟାରେ ଶନିବାର ଅନୁଷ୍ଠିତ ରଜ ମହୋତ୍ସବରେ ଓଲିଉଡ୍ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ସଙ୍ଗୀତ ପରିବେଷଣ କରୁଛନ୍ତି।




କଟକ ଶହୀଦ ଭବନରେ ସାଂସ୍କୃତିକ ଅନୁଷ୍ଠାନ ସୁରମନ୍ଦିର ପକ୍ଷରୁ ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଅନୁଷ୍ଠିତ ରଜ ମହୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଜମିଲା ସେଲିବ୍ରେଶନ

## ଆଜି ଶେଷ ରଜ

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**

ଓଡ଼ିଶାର ଗଣପର୍ବ ରଜ ପାଇଁ ଗାଁଠୁ ସହର ସବୁଠି ଦେଖିବାକୁ ମିଳିଛି ୪ଦିନିଆ ଉତ୍ସବ। ସଜବାଜ, ପହିଲି ରଜ ପରେ ଶନିବାର ଥିଲା ରଜ ସଂକ୍ରାନ୍ତି। ଅନ୍ୟଦିନ ଅପେକ୍ଷା ଭଲ ପାଗ ଥିବାରୁ ଦୋଳି, ପିଠା, ପାନକୁ ନେଇ ରାଜଧାନୀର ବିଭିନ୍ନ ସ୍ଥାନରେ ଆୟୋଜନ ହୋଇଥିଲା ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ସକାଳେ ମନ୍ଦିର ଯାଇ ଠାକୁର ପୂଜାପରେ ଆରମ୍ଭ ହୋଇଥିଲା ରଜ ବୁଲା। ଏଥିପାଇଁ ପର୍ଯ୍ୟଟନସ୍ଥଳ, ମଲ୍ ଓ ପାର୍କରେ ଜମିଥିଲା ପ୍ରବଳ ଭିଡ଼। କିଏ ପରିବାର ସହ ତ ଆଉ କିଏ ସାଙ୍ଗସାଥୀଙ୍କ ସହ ରଜ ମଉଜ କରୁଥିବା ଦେଖିବାକୁ ମିଳିଥିଲା।



## ରାଜଧାନୀର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

### ପର୍ଯ୍ୟଟନସ୍ଥଳ, ପାର୍କ, ମଲ୍‌ରେ ପ୍ରବଳ ଭିଡ଼



ମନ୍ଦିରମାଳିନୀ ସହର ଭୁବନେଶ୍ୱରର ସମସ୍ତ ମନ୍ଦିରରେ ସକାଳୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଭିଡ଼ ଥିଲା। ପୂର୍ବାହ୍ନରୁ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକରେ ଭିଡ଼ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ରହିଥିଲା। ଧଉଳି, ଖଣ୍ଡଗିରି, ଉଦୟଗିରି, ପୁରାତନ ଐତିହାସିକ ସ୍ଥଳ, ସଂଗ୍ରହାଳୟ, ନନ୍ଦନକାନନ ଓ ପଠାଣି ସାମନ୍ତ ପ୍ଲାନେଟାରିୟମରେ ଅଧିକ ସଂଖ୍ୟକ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ସମାଗମ ହୋଇଥିଲା। ପଠାଣି ସାମନ୍ତ ପ୍ଲାନେଟାରିୟମରେ ୧୭୮୯ ଜଣ ପର୍ଯ୍ୟଟକ ପରିଦର୍ଶନ କରିଥିବାବେଳେ ୧୨ଟି ଶୋ' କରାଯାଇଥିଲା।

ଦୋଳି ଖେଳିବା ସହ ରଜ ପାନ ଓ ରଜ ପିଠା ଖାଇଥିଲେ। ଭୁବନେଶ୍ୱରର ପାନ୍ଥ ନିବାସ, ପାତ୍ରପଡ଼ା, ଧଉଳି ଆଦି କେତେକ ସ୍ଥାନରେ ଶତାଧିକ ଦୋଳି ଲାଗିଛି। ପିଠା, ପାନର ପସରା ସହ ଦୋଳି, ପୁଚି ଖେଳର ଆସର ଜମୁଛି। ସେହିଭଳି ମାର୍କେଟ ବିଲ୍ଡିଂ ସମେତ ଏସ୍‌ପ୍ଲାନେଡ୍, ବିଗ୍‌ବଜାର, ସେଣ୍ଟ୍ରାଲ, ରିଲିଆନ୍ସ ସ୍ମାର୍ଟ ଆଦି ବଡ଼ ବଡ଼ ମଲ୍‌ରେ ସେଲିବ୍ରେଶନ ଚାଲିଛି। ଆଇଜି ପାର୍କ, ବିଜୁ ପଟ୍ଟନାୟକ ପାର୍କ, ବୁଦ୍ଧ ଜୟନ୍ତୀ ପାର୍କ, ମୁଖାର୍ଜୀ ପାର୍କ, ସାଇନ୍ସ ପାର୍କ, ଏକାମ୍ର କାନନରେ ଦୋଳି ଓ ଖେଳକୁଦର ଆୟୋଜନ କରାଯାଇଛି। ତେବେ ଗରମ ହେଉଥିବାରୁ ଶୀତତାପ ନିୟନ୍ତ୍ରିତ ମଲ୍‌ଗୁଡ଼ିକରେ ବୁଲାବୁଲି କରିବାକୁ ଅଧିକାଂଶ ପସନ୍ଦ କରୁଛନ୍ତି। ବିଶେଷକରି ଯୁବପିଢ଼ି ରଜରେ ଗେମିଂ, ଚଳଚ୍ଚିତ୍ର ଦେଖା, କିଣାକିଣି ସହିତ ଖାଇବା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଅନ୍ୟପକ୍ଷରେ ବହୁ ଲୋକ ପରିବାର ସହ ଗାଁରେ ରଜ ଛୁଟି କାଟୁଥିବା ଜଣାପଡ଼ିଛି। ରବିବାର ଶେଷ ରଜ ପଡୁଥିବାରୁ ରଜକୁ ସବୁଠୁ ନିଆରା ଭାବେ ବିଦାୟ ଦେବାକୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି।

# ବଟାନିକାଲ ଗାର୍ଡେନ୍‌ରେ ବଢ଼ିଲେ ପର୍ଯ୍ୟଟକ

## ନନ୍ଦନକାନନରେ କମିଲେ

**ବାରଙ୍ଗ,୧୫।୬(ଡି.ଏନ୍.ଏ.):** ଶନିବାର ଥିଲା ରଜପର୍ବର ଦ୍ୱିତୀୟଦିନ ତଥା ରଜ ସଂକ୍ରାନ୍ତି। ପହିଲି ରଜ ପରେ ଦ୍ୱିତୀୟ ଦିନରେ ମଧ୍ୟ ନନ୍ଦନକାନନରେ ଗତବର୍ଷଠାରୁ କମ୍ ପର୍ଯ୍ୟଟକ ଆସିଥିବାର ନଜିର ରହିଛି। କିନ୍ତୁ ବଟାନିକାଲ ଗାର୍ଡେନରେ ପର୍ଯ୍ୟଟକ ସଂଖ୍ୟା ସାମାନ୍ୟ ବୃଦ୍ଧି ପାଇଛି। ରଜ ସଂକ୍ରାନ୍ତିରେ ଉଭୟ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପର୍ଯ୍ୟଟକମାନେ ବାଘ, ଭାଲୁ, ସିଂହ, ସିମ୍ପାଜି ଆଦି ପ୍ରାଣୀମାନଙ୍କୁ ଦେଖିବା ପାଇଁ ଭିଡ ରହିଥିବାବେଳେ ବୋଟିଂ, ସଫାରିରେ ବୁଲିବା ଓ ବେଟେରି ଅଟୋରେ ବସିବା ପାଇଁ ଲମ୍ବାଲାଇନ ଲାଗିଥିବାର ଦେଖାଯାଇଥିଲା। ସବୁଠୁ ଅଧିକ ଭିଡ ଶିଶୁ ଉଦ୍ୟାନରେ ଦେଖିବାକୁ ମିଳିଥିଲା। ଶିଶୁମାନେ ଏହି ଉଦ୍ୟାନରେ ଦୋଳି ଖେଳି ମଜା ଉଠାଉଥିଲେ। ଅପରାହ୍ନ ସାଢ଼େ ୨ଟା ପର୍ଯ୍ୟନ୍ତ ଭିଡ ରହିଥିବାବେଳେ ଏହାପରଠାରୁ ପର୍ଯ୍ୟଟକଙ୍କ ସଂଖ୍ୟା କମିଯାଇଥିଲା। ଫଳରେ ଗତବର୍ଷର ଦ୍ୱିତୀୟ ରଜଠାରୁ ଏବର୍ଷ ପର୍ଯ୍ୟଟକ ସଂଖ୍ୟା କମିଯାଇଥିଲା। ଶନିବାର ନନ୍ଦନକାନନକୁ ଆସିଥିବା ମୋଟ ୨୪ହଜାର ୭୮୧ଜଣ ପର୍ଯ୍ୟଟକଙ୍କଠାରୁ ୧୦ଲକ୍ଷ ୯୨ହଜାର ୭୩୦ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା। ଯାହା ଗତବର୍ଷ ଦ୍ୱିତୀୟ ରଜଠାରୁ ୬୧୧୫ଜଣ ପର୍ଯ୍ୟଟକ କମ ରହିଥିଲେ। କିନ୍ତୁ ବଟାନିକାଲ ଗାର୍ଡେନରେ ଗତବର୍ଷ ତୁଳନାରେ ପର୍ଯ୍ୟଟକଙ୍କ ସଂଖ୍ୟା ସାମାନ୍ୟ ବୃଦ୍ଧି ହୋଇଛି। ବଟାନିକାଲ ଗାର୍ଡେନକୁ ଆସିଥିବା ୧୨୯୪ଜଣ ପର୍ଯ୍ୟଟକଙ୍କଠାରୁ ୪୫ହଜାରେ ୨୯୦ଟଙ୍କାର ରାଜସ୍ୱ ଆଦାୟ ହୋଇପାରିଥିଲା। ଯାହା ଗତବର୍ଷ ଦ୍ୱିତୀୟ ରଜଠାରୁ ୫୭ଜଣ ପର୍ଯ୍ୟଟକ ଅଧିକ ରହିଥିଲେ।

# ମା' ଅଡ଼ଙ୍ଗେଇ ପୀଠରେ ଗୋଟିପୁଅ ନୃତ୍ୟ

**ଗୋପ, ୧୫।୬(ଡି.ଏନ୍.ଏ.)**

ଗ୍ରାମାଞ୍ଚଳରେ ହଜି ଯାଉଥିବା ରଜ ପରମ୍ପରାକୁ ନେଇ ଗୋଟିପୁଅ ନୃତ୍ୟ ମାଧ୍ୟମରେ ଏହି ପରମ୍ପରାକୁ ଆପଣେଇବା ଲାଗି ବାର୍ତ୍ତା ଦିଆଯାଇଛି। ନୃତ୍ୟ ପରିବେଷଣ ବେଶ୍ ଆକର୍ଷଣୀୟ ହୋଇଥିବାବେଳେ ଶନିବାର ସନ୍ଧ୍ୟାରେ ମା' ଅଡ଼ଙ୍ଗେଇ ସାଂସ୍କୃତିକ ପରିଷଦ ପକ୍ଷରୁ ତୃତୀୟ ବାର୍ଷିକ ରଜ ଉତ୍ସବ ମହାସମାହରୋହରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହିଳାମାନଙ୍କ ଦ୍ୱାରା ଦୋଳି, ରଜ ପାନ, ମୁଢ଼ି ନଡ଼ିଆ, ପିଠା ଆଦି ପ୍ରତିଯୋଗିତା ହୋଇଥିଲା। ପରେ ଯୁବତୀମାନଙ୍କ ମଧ୍ୟରେ ପୁଚି, ଝୋଟି, ଲଉଡ଼ି ଖେଳ, ତାସ୍, ଲୁଡୁ, ନଡ଼ିଆ ଲଢ଼େଇ, ରଜ ଗୀତ, ହୁଳହୁଳି, ମ୍ୟୁଜିକ୍ ଚେୟାର, କାନ୍ଦଣା ପ୍ରଭୃତି ପ୍ରତିଯୋଗିତାମାନ କରାଯାଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ନାଲ୍‌କୋ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଘୋଡ଼ାନାଚ, ଗୋଟିପୁଅ ନାଚ, ଭଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ରଜ ଉତ୍ସବରେ ମା' ଅଡ଼ଙ୍ଗେଇଙ୍କ ପୀଠରେ ହଜାର ହଜାର ଜନସାଧାରଣ ଯୋଗଦେଇ ଏହାର ମଜା ନେଇଥିଲେ। ତିନି ବର୍ଷ ଧରି ଚାଲିଥିବା ଏହି ରଜ ଉତ୍ସବ ଆଗକୁ ଅଧିକ ସରସ ସୁନ୍ଦର ହେବ ବୋଲି ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ନିଶଙ୍କ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମା' ଅଡ଼ଙ୍ଗେଇ ସାଂସ୍କୃତିକ ପରିଷଦ ସଭାପତି ଯଦୁମଣି ରାଉତ, ବିଦ୍ୟାଧର ମାଟି, ସମ୍ପାଦକ ଫକୀର ଚରଣ ବିଶ୍ୱାଳ, ବିଦ୍ୟାଧର ମାଟି, କାବା ଦାସ, ଧନେଶ୍ୱର ପରିଡ଼ା, ରାମଚନ୍ଦ୍ର ଓଝା, ପର୍ଶୁରାମ ମହାନ୍ତି ପରିଚାଳନା କରିଥିଲେ।

# ପାତ୍ରପଡ଼ାରେ ବଢୁଛି ଗହଳି



**ପାତ୍ରପଡା,୧୫।୬(ଡି.ଏନ.ଏ.)**

ପାତ୍ରପଡା ମହାରାଜା କ୍ରିକେଟ ଆସୋସିଏଶନ ପକ୍ଷରୁ ଭଗବାନପୁର ରଜ ମହୋତ୍ସବରେ ଶନିବାର ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତାରେ ଛୋଟ ପିଲାଙ୍କଠାରୁ ମହିଳାମାନେ ଏଥିରେ ସାମିଲହୋଇ ମଜା ଉଠାଇଥିଲେ। ସନ୍ଧ୍ୟାରେ ଅଧିକ ଗହଳି ପରିଲକ୍ଷିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ସହ ନିକଟସ୍ଥ ଅଞ୍ଚଳରୁ ଲୋକେ ରଜ ଅବସରରେ ପରିବାର ସହ ଏଠାକୁ ବୁଲିବାକୁ ଆସିଥିଲେ। ଏଠାରେ ଲାଗିଥିବା ମିନାବଜାର ସହ ୫୦ରୁ ଊର୍ଦ୍ଧ୍ୱ ଷ୍ଟଲରେ ବୁଲାବୁଲି କରି ଜିନିଷପତ୍ର କିଣି ଘରକୁ ନେଇଥିଲେ। ରାମଦୋଳିରେ ଯୁବତୀଯୁବକମାନେ ବସି ମଜା ନେଉଥିବାବେଳେ ଛୋଟ ପିଲାମାନେ ୱାଟର ବୋଟିଂରେ ଜଳକ୍ରୀଡ଼ା କରିବା ସହ ଟୟଟ୍ରେନ, ଡ୍ରାଗନ, ଛୋଟ ଦୋଳି, ହେଲିକପ୍ଟର, ବ୍ରେକ ଡ୍ୟାନ୍ସରେ ବସି ମଜା ଉଠାଉଥିବା ଦେଖିବାକୁ ମିଳିଥିଲା। ଗୃହିଣୀମାନେ ବିଭିନ୍ନ ଷ୍ଟଲ ବୁଲିବା ସହ ସାମଗ୍ରୀ କିଣିଥିଲେ। ମହୋତ୍ସବରେ ପ୍ରତ୍ୟହ ଦିନ ସମୟରେ ପୁଞ୍ଚି, ମେହେନ୍ଦି, ଦଉଡି ଡିଆଁ, ମ୍ୟୁଜିକ ଚେୟାର, ବେଲୁନ୍ ଡ୍ୟାନ୍ସ, ପେପର ଡ୍ୟାନ୍ସ, ପୋଡପିଠା, ଝୋଟି, ମୁରୁଜ, ଚେସ୍, ତାସ, ଲୁଡୁ, ପଶାଖେଳ ଆଦି ପ୍ରତିଯୋଗିତାରେ ଅନୁଷ୍ଠିତ ହେଉଥିବାବେଳେ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକମାନଙ୍କ ପାଇଁ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ରବିବାର ବିଭିନ୍ନ ପ୍ରତିଯୋଗିତାର ଅନ୍ତିମ ପର୍ଯ୍ୟାୟ ଅନୁଷ୍ଠିତ ହେବାକୁ ଥିବାବେଳେ ସୋମବାର ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସେମାନଙ୍କୁ ପୁରସ୍କୃତ କରାଯିବ। ସେହିପରି ତମାଣ୍ଡୋ ରଜ ମହୋତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରହିଥିବାବେଳେ ରବିବାର ଏଠାରେ ଉଦ୍‌ଯାପିତ ହେବ ବୋଲି ଜଣାପଡିଛି।





ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସାମାଜିକ ଅନୁଷ୍ଠାନ ମଶାଲ୍ ପକ୍ଷରୁ ଶନିବାର ଅନୁଷ୍ଠିତ ୨୦ତମ ରାଜ୍ୟସ୍ତରୀୟ ରଜ ମହୋତ୍ସବରେ ଝୋଟି ପ୍ରତିଯୋଗିତା (ଉପର) ଓ ଠିଆପୁଚି ପ୍ରତିଯୋଗିତା।

# ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମରେ ରଜ ଉତ୍ସବ

**ପୁରୀ ଅଫିସ,୧୫।୬:** ରଜ ଅବସରରେ ପୁରୀ ସହର ଉତ୍ସବମୁଖର ହୋଇଉଠିଛି। ଘରେ ଘରେ ପିଠାପଣା ମହକୁଛି। ଶନିବାର ବଳିଆପଣ୍ଡାରେ ରଜ ପ୍ରତିଯୋଗିତା ଓ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପିଲାଙ୍କ ମଧ୍ୟରେ ପୁଚି, ଝୋଟି, ମ୍ୟୁଜିକ ଚେୟାର, ପାନଭଙ୍ଗା, ସାଧାରଣ ଜ୍ଞାନ, ଦଉଡ଼ି ଡିଆଁ, ହୁଳହୁଳି ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଗୀତରେ ଦର୍ଶକ ଝୁମିଉଠିଥିଲେ। ମନୋଜ କୁମାର ମଣ୍ଡଳ, ବିକ୍ରମ କୁମାର ନାୟକ, ବିକ୍ରମ ପ୍ରଧାନ, ରାମଚନ୍ଦ୍ର ବେହେରା, ମମତା ପ୍ରଧାନ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ସେହିପରି ନୀଳାଦ୍ରି କଲଚରାଲ ଏକାଡେମୀ ପକ୍ଷରୁ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା ରଜ ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ଦିବସ। ସାଂସ୍କୃତିକ ଓ ପାରମ୍ପରିକ ନୃତ୍ୟରେ ମଞ୍ଚ ଦୁଲୁକି ଉଠିଥିଲା। ସଙ୍ଗଠନ ସଭାପତି ପ୍ରଦ୍ୟୁମ୍ନ ମିଶ୍ର, ସମ୍ପାଦକ ପ୍ରମୋଦ ଜେନା, ଷ୍ଟାଲିନ୍ ପରିଜା ପ୍ରମୁଖ ପରିଚାଳନା କାର୍ଯ୍ୟକ୍ରମ କରିଥିଲେ। ସେହିପରି ବେଳାଭୂମିରେ ପର୍ଯ୍ୟଟକଙ୍କ ପ୍ରବଳ ଗହଳି ହୋଇଥିଲା। ଯୁବତୀ ଯୁବକମାନେ ସେଲଫି ନେଇ ରଜର ମଜା ଉଠାଇଥିଲେ।



ପୁରୀ ମୁକ୍ତାକାଶ ରଙ୍ଗମଞ୍ଚରେ ନୀଳାଦ୍ରି କଲଚରାଲ ଏକାଡେମୀ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ଈଶ୍ୱର ନାମ ଆଗରେ ଜାତି ଧର୍ମର ବିଦ୍ୱେଷ ରହିବା ଉଚିତ୍ ନୁହେଁ।
- ଗୁରୁ ନାନକ



## ସଂକ୍ଷେପରେ

### ଓବିସି ମୋର୍ଚ୍ଚା ସଭାପତି ନୀଳମଣିଙ୍କ ସ୍ମୃତିସଭା

**ନରାଜ,୧୫।୬(ଡି.ଏନ୍.ଏ.):** ବାରଙ୍ଗ ବ୍ଲକ ଅନ୍ତର୍ଗତ ଗୋଡିସାହି ଯାତ୍ରାପଡିଆରେ ବାଙ୍କୀ ଭାଜପା ପକ୍ଷରୁ ଓବିସି ମୋର୍ଚ୍ଚା ସଭାପତି ସ୍ୱର୍ଗତ ନୀଳମଣି ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ସଭାରେ ଭାଜପା ନେତା ସଞ୍ଜୟ ପାଢ଼ୀ, ସୁବଳ ବେହେରା, ଶ୍ୟାମସୁନ୍ଦର ସାହୁ, ଅଜୟ ମୁଦୁଲି, ପ୍ରତାପ ରାଉତ, କିଶନ ଜେନା, ନିରଞ୍ଜନ ରାଉତ, ସନ୍ତୋଷ ଷଡଙ୍ଗୀ ଓ ବାବୁଲି ବିଶୋଇ ଯୋଗଦେଇ ତାଙ୍କର କର୍ତ୍ତବ୍ୟ ନିଷ୍ଠା ଉପରେ ଆଲୋକପାତ କରିଥିଲେ।

### ରାମକୃଷ୍ଣ ଥିଲେ ସାଲିସ ବିହୀନ ରାଜନେତା

**ବାଲିଅନ୍ତା,୧୫।୬(ଡି.ଏନ୍.ଏ.):** ସାମ୍ୟବାଦୀ ଆନ୍ଦୋଳନର ଅଗ୍ରଣୀ ସାରଥି ତଥା ପୂର୍ବତନ ବିଧାୟକ ରାମକୃଷ୍ଣ ପତିଙ୍କ ୩୩ତମ ଶ୍ରାଦ୍ଧୋତ୍ସବ ଶନିବାର ପାଳିତ ହୋଇଯାଇଛି। ତାଙ୍କ ଜନ୍ମମାଟି ବିଏମ୍‌ସିର ୪ନଂ ୱାର୍ଡ ଅଧୀନ ବଙ୍ଗୁଆରୀ ଗ୍ରାମ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ଅଭୟ ବଡଜେନାଙ୍କ ସଭାପତିତ୍ୱରେ ଅଧ୍ୟାପକ ରମାକାନ୍ତ ମିଶ୍ର, ସୁରେନ୍ଦ୍ର ନାଥ ଛୋଟରାୟ, ଲକ୍ଷ୍ମୀଧର ବେହେରା, ଶିକ୍ଷକ ଶତ୍ରୁଘ୍ନ ସାହୁ, ନିର୍ମଳ କୁମାର ସାହୁ, ସୁଦାମ ସାହୁ, ହରେକୃଷ୍ଣ ସାହୁ, ଅକ୍ଷୟ ଲେଙ୍କା, ମାନସ ରଞ୍ଜନ ରାଉତରାୟ, ବିଶ୍ୱଭୂଷଣ ବାରିକ ଯୋଗଦେଇ ରାମକୃଷ୍ଣଙ୍କ ସ୍ୱଚ୍ଛ ରାଜନୀତିଙ୍କ ଜୀବନ ଉପରେ ଆଲୋକପାତ କରିଥିଲେ। ସେ ସାଲିସ ବିହୀନ ରାଜନେତା ଥିଲେ ବୋଲି ବକ୍ତାମାନେ କହିଥିଲେ। ଆଗାମୀ ଦିନରେ ତାଙ୍କ ଜନ୍ମମାଟିରେ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

### ୧୦ଭାଇ ମହାସଂଘ ବୈଠକରେ ସମ୍ବର୍ଦ୍ଧିତ ହେଲେ ସଂକୀର୍ତ୍ତନ ମଣ୍ଡଳୀ

**ପୁରୁଣା ଭୁବନେଶ୍ୱର, ୧୫। ୬ (ଡି.ଏନ.ଏ.):** ଗାଁ ଗାଁ ମଧ୍ୟରେ ଭାଇଚାରା ବଜାୟ, କଳା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ୧୦ଭାଇ ମହାସଂଘ ସଙ୍କଳ୍ପବଦ୍ଧ। ବିଭିନ୍ନ ଗ୍ରାମର ଦୋଳ, ପଞ୍ଚୁଦୋଳ, ଭାଗବତ ମେଳଣ ଭଳି ଆଧାତ୍ମିକ କାର୍ଯ୍ୟକ୍ରମ ଶେଷ ହେବା ପରେ ବର୍ଷର ଶେଷ ଦିବସରେ ୧୦ ଭାଇ ବୈଠକ ବସି ବିଭିନ୍ନ ପ୍ରସ୍ତାବରେ ଆଲୋଚନା କରାଯାଇଥିଲା। ଉତ୍ତରା, କୁମାରଡ଼ିହ, ଲିଙ୍ଗିପୁର, ନାଥପୁର, ନୂଆଗାଁ, ଇଟିପୁର, ଜୟପୁର, ଜୟପୁରପାଟଣା, ଡ଼ିହପୁର, ବିଙ୍କିପୁର ଗାଁରୁ ୧୦ ପ୍ରମୁଖ ମୁରବୀଙ୍କୁ ନେଇ ବୈଠକ ସ୍ଥାନୀୟ ନାଥପୁର ଉପ୍ରା ବିଦ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ହୋଇଛି। ୮୬ତମ ଏହି ବୈଠକରେ ବିଭିନ୍ନ ଅଞ୍ଚଳର ସକୀର୍ତ୍ତନ ମଣ୍ଡଳୀ ଏବଂ ସ୍ଥାନୀୟ ଅଞ୍ଚଳର ଏକାମ୍ର ବିକାଶ ମଞ୍ଚକୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାସଂଘର ସଭାପତି ଗନ୍ଧର୍ବ ମହାପାତ୍ର ସଭାପତିତ୍ୱ କରିଥିଲେ। ସମ୍ପାଦକ ପ୍ରଫୁଲ୍ଲ ବିଶ୍ୱାଳ, ଅଶୋକ ହୋତା, ଜଜାତି କେଶରୀ ପଟ୍ଟନାୟକ, ନିରଞ୍ଜନ ରାଉତରାୟ ଉପସ୍ଥିତ ଥିଲେ।

### କନ୍ଦଳେଇରୁ ଶୁଭିଲା ରଜଦୋଳି ଗୀତ

**ପୁରୁଣା ଭୁବନେଶ୍ୱର, ୧୫। ୬ (ଡି.ଏନ.ଏ.):** ଫନୀରେ ରାଜଧାନୀରୁ ୨୫ କିମି ଦୂର କନ୍ଦଳେଇ ଗ୍ରାମଟି ଶ୍ରୀହୀନ ହୋଇପଡ଼ିଛି। ଏହା ସତ୍ତ୍ୱେ ଗାଁର କୋହ୍ଲ ଜନଜାତିର ଆଦିବାସୀ ରଜ ପାଳିଛନ୍ତି। ପ୍ରତିବର୍ଷ ପରି ଏମାନଙ୍କ ସହିତ ହେଲପଗ୍ରୁପ ପକ୍ଷରୁ ରଜପର୍ବ ଆୟୋଜନ କରାଯାଇଥିଲା। କୁନି ପିଲାମାନଙ୍କ ମଧ୍ୟରେ ପୁଚି, ଦୋଳି ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ପ୍ରଶାନ୍ତ ସେନାପତି, ସମ୍ପାଦକ ଚନ୍ଦନ ସ୍ୱାଇଁ, କୁଳମଣୀ ଭୂତିଆ, ତନ୍ମୟ ମହାପାତ୍ର ଉପସ୍ଥିତ ଥିଲେ।

# ଖବରଦାତାଙ୍କୁ ଚୋର ଭାବି ଥାନାରେ ଅଟକ

■ ଥାନା ଘେରିଲେ ଖବରଦାତା
■ ଥାନାଧିକାରୀ ଭୁଲ୍ ମାଗିବା ପରେ ଶାନ୍ତପଡ଼ିଲା

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**



ଥାନା ସମ୍ମୁଖରେ ଖବରଦାତାଙ୍କ ଭିଡ଼।

ଜଣେ ଖବରଦାତାଙ୍କୁ ଚୋର ଭାବି ଥାନା ହାଜତ ଭିତରେ ରଖିବା ନେଇ ମଞ୍ଚେଶ୍ୱର ଥାନାଧିକାରୀ ଜିତେନ୍ଦ୍ରନାଥ ସେଠୀ ହରଡଘଣାରେ ପଡ଼ିଛନ୍ତି। ଏପରି କି ଥାନାଧିକାରୀଙ୍କ ଏଭଳି କାର୍ଯ୍ୟକୁ ନେଇ ଖବରଦାତା ମହଲ ପକ୍ଷରୁ ଦୃଢ ନିନ୍ଦା କରିବାସହ ବହୁ ଖବରଦାତା ପହଞ୍ଚି ଥାନା ଘେରାଉ କରିଥିଲେ। ଏପରି କି ଥାନାଧିକାରୀଙ୍କ ବଦଳି ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଥାନା ସମ୍ମୁଖରୁ ହଟିବୁ ନାହିଁ ବୋଲି ଦାବି କରି ଥାନା ଆଗରେ ବସି ରହିଥିଲେ। ଉତ୍ତେଜନା ପରିସ୍ଥିତି ହେବାରୁ ଖବରପାଇ ସ୍ପେଶାଲ ସ୍କ୍ୱାଡ ମୁଖ୍ୟ ଏସିପି ସଞ୍ଜୀବ ଶତପଥୀ ଏବଂ ଜୋନ ଏସିପି ଅନିଲ ମିଶ୍ର ପହଞ୍ଚି ଖବରଦାତାମାନଙ୍କୁ ବୁଝାଶୁଝା କରିଥିଲେ। ଶେଷରେ ଥାନାଧିକାରୀ ଭୁଲ ମାଗିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଘଟଣା ବିଷୟରେ ଭୁବନେଶ୍ୱର ଡିସିପିଙ୍କୁ ମଧ୍ୟ ଅବଗତ କରାଯାଇଥିଲା। ଡିସିପି ଅନୁପ କୁମାର ସାହୁ ଶୁଣିବା ପରେ ଘଟଣାକୁ ନିନ୍ଦା କରିବା ସହ ଥାନା ଅଧିକାରୀଙ୍କୁ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ସୂଚନା ଅନୁଯାୟୀ, କିଛିଦିନ ତଳେ ଖବରଦାତା ଲେଲିନ୍ ମଲ୍ଲିକଙ୍କ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ବାଇକଟି ଭାଙ୍ଗିରୁଜି ଯାଇଥିଲା। ପୋଲିସ ଉକ୍ତ ବାଇକକୁ ଜବତ କରି ଥାନାରେ ରଖିଥିଲା। ଲେଲିନ୍ ଉକ୍ତ ବାଇକକୁ ଦେଖିବା ପାଇଁ ଶନିବାର ସକାଳେ ଥାନାକୁ ଯାଇଥିଲେ। ହେଲେ ଥାନାଧିକାରୀ ତାଙ୍କୁ ଜାଣି ନ ପାରି ଚୋର କହି ତାଙ୍କ କଲର ଧରି ଘୋଷାଡି ନେଇ ଥାନା ହାଜତ ଭିତରେ ପୂରାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ଥାନାର ଜଣେ ଏସ୍‌ଆଇ ଏହା ଜାଣିପାରି ତାଙ୍କୁ ଛାଡି ଦେଇଥିଲେ। ପରେ ଏହି ଘଟଣା ପ୍ରଘଟ ହେବା ପରେ ଅନ୍ୟ ଖବରଦାତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶେଷରେ ସବୁ ଖବରଦାତାମାନେ ଥାନା ଘେରାଉ କରିଥିଲେ।

ପୂର୍ବରୁ ମଧ୍ୟ ମଞ୍ଚେଶ୍ୱର ଥାନାଧିକାରୀ ବାରଙ୍ଗରେ ରହିବା ସମୟରେ ତାଙ୍କ ବିରୋଧରେ ଏଭଳି ଅଭିଯୋଗ ଆସିଥିଲା। ଏପରିକି ଥାନାକୁ ଯାଉଥିବା ଏକାଧିକ ଖବରଦାତାମାନଙ୍କୁ ସେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଥିଲା। ସେତବେଳେ ମଧ୍ୟ ଖବରଦାତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମଞ୍ଚେଶ୍ୱର ଥାନାକୁ ଆସିବା ପରେ କେବଳ ଖବରଦାତା ନୁହେଁ ଥାନାକୁ ଅଭିଯୋଗ କରିବାକୁ ଯାଉଥିବା ସାଧାରଣଲୋକଙ୍କୁ ଥାନା ବାବୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି।

# ରାମକୃଷ୍ଣ ପତିଙ୍କ ସ୍ମୃତି ସମାରୋହ



ସମାରୋହରେ ଯୋଗ ଦେଇଥିବା ଅତିଥିମାନେ।

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**

ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ସମ୍ପାଦକ ତଥା ପୂର୍ବତନ ବିଧାୟକ ରାମକୃଷ୍ଣ ପତିଙ୍କ ୩୩ତମ ସ୍ମୃତି ସମାରୋହ ଶନିବାର ଭଗବତୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ରାମକୃଷ୍ଣ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି ସମାରୋହରେ ରାମକୃଷ୍ଣ ପତିଙ୍କ ସଂଗ୍ରାମୀ ଜୀବନ ଓ କିଛି ଅନାଲୋଚିତ ତଥ୍ୟ ଉପରେ ଆଲୋଚନା କରାଯାଇଥିଲା। ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକ, ସ୍ମୃତି ସଂସଦର ସମ୍ପାଦକ ସୁର ଜେନା, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସିପିଆଇଏମ୍‌ର ବରିଷ୍ଠ ନେତା ଜନାର୍ଦ୍ଦନ ପତି, ନେତା ରାଧାକାନ୍ତ ସେଠୀ, ବିଶ୍ୱ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଡ. ଅମିୟ କୁମାର ମହାନ୍ତି, ସ୍ତମ୍ଭକାର ତୁଷାରକାନ୍ତ ପ୍ରମୁଖ ରାମକୃଷ୍ଣ ପତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ପୁଣି ଆରମ୍ଭ ହେଲା ଐତିହ୍ୟ ପଦଯାତ୍ରା

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**

**ଐତିହ୍ୟ ଗାଥା ଶୁଣିଲେ ଦେଶ ବିଦେଶର ୨୬ ପର୍ଯ୍ୟଟକ**



ଖଣ୍ଡଗିରି ପାହାଡରେ କଳିଙ୍ଗ ଐତିହ୍ୟ ଗାଥା ଶୁଣୁଛନ୍ତି ପର୍ଯ୍ୟଟକ।

ବାତ୍ୟା 'ଫନୀ'ଠାରୁ ବନ୍ଦ ଥିବା ଏକାମ୍ର ଐତିହ୍ୟ ପଦଯାତ୍ରା ରଜ ସଂକ୍ରାନ୍ତିରୁ ପୁଣି ଆରମ୍ଭ ହୋଇଛି। ଶନିବାର ୨୬ ଜଣ ପର୍ଯ୍ୟଟକ ଖଣ୍ଡଗିରି-ଉଦୟଗିରି ପାହାଡ଼ ବୁଲି ଦେଖିବା ସହ ମହାବୀର ଜିନ୍, କଳିଙ୍ଗର ଇତିହାସ, ବୀର କଳିଙ୍ଗ ଯୋଦ୍ଧାଙ୍କ ବୀରତ୍ୱ ସମ୍ପର୍କରେ କାହାଣୀ ମାଧ୍ୟମରେ ଜାଣିବାର ସୁଯୋଗ ପାଇଛନ୍ତି। ଏଥିସହ ତବଲା, ବଂଶୀ ଓ କଣ୍ଠ ସଂଗୀତର ସ୍ୱତନ୍ତ୍ର କାର୍ଯ୍ୟକ୍ରମର ମଜା ନେଇଛନ୍ତି।

ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଗ୍ରାଜୁଏଟ ଉର୍ଜା କୁହନ୍ତି, ଭୁବନେଶ୍ୱରରେ ମୋର ଜନ୍ମ ହୋଇଛି, ବହୁତଥର ଖଣ୍ଡଗିରି ଉଦୟଗିରି ବୁଲିବାକୁ ଆସିଛି। କିନ୍ତୁ ଏହା ପଛରେ ଏତେ କାହାଣୀ ଲୁଚି ରହିଛି ବୋଲି ଜାଣି ନ ଥିଲି। ଏହି ପଦଯାତ୍ରା ମୋର ଏକ ସ୍ମୃତି, ଆଉ ଏହା ସବୁବେଳେ ସ୍ୱତନ୍ତ୍ର ହୋଇ ରହିବ। ଏହି କାର୍ଯ୍ୟକ୍ରମରେ ଭାଗନେବା ଲାଗି ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପଢୁଥିବା ସାଙ୍ଗମାନଙ୍କୁ ନିଶ୍ଚୟ ଜଣାଇବି ଓ ରବିବାର ପୁରୁଣା ଭୁବନେଶ୍ୱରରେ ହେବାକୁ ଥିବା ଐତିହ୍ୟ ପଦଯାତ୍ରାରେ ମଧ୍ୟ ଯୋଗଦେବି ବୋଲି ସେ କହିଥିଲେ। ସେହିପରି ସିଙ୍ଗାପୁରର ଡୋରା ହେଙ୍ଗ ପଥପ୍ରଦର୍ଶକଙ୍କ କାହାଣୀ ଉପସ୍ଥାପନାକୁ ବହୁତ ପସନ୍ଦ କରିଥିଲେ। ଏହା ତାଙ୍କ ଲାଗି ଏକ ନୂଆ ଅନୁଭୂତି ବୋଲି କହିଥିଲେ। ଅନ୍ୟତମ ଅତିଥି ପର୍ଯ୍ୟଟକ ଛତିଶଗଡ଼ର ସାମ୍ବାଦିକ ଲକ୍ଷ୍ମୀଧର ଏସବୁ ପର୍ଯ୍ୟଟନ ସ୍ଥାନ ବୁଲିବା ସମୟରେ ଅତି ଭାବବିହ୍ୱଳ ହୋଇଯାଇଥିଲେ। ସେ କୁହନ୍ତି, ଖାଲି ପର୍ଯ୍ୟଟକ କି ବାହାର ଲୋକ ନୁହେଁ, ସ୍ଥାନୀୟ ଲୋକ ମଧ୍ୟ ଏଥିରେ ଯୋଗଦେଇ ଆମ ସହିତ ମିଶି କାର୍ଯ୍ୟକ୍ରମକୁ ଅଧିକ ସଫଳ କରିବା ଆବଶ୍ୟକ।

ସୂଚନାଯୋଗ୍ୟ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଏକାମ୍ର ଐତିହ୍ୟ ପଦଯାତ୍ରା କରାଯାଉଥିବାବେଳେ ବର୍ତ୍ତମାନ ସୁଦ୍ଧା ଖଣ୍ଡଗିରି ଓ ଉଦୟଗିରିରେ ୭୧ଟି ଐତିହ୍ୟ ପଦଚିହ୍ନ ଗାଥା ଶୁଣାଯାଇଛି। ପୁରୁଣା ଭୁବନେଶ୍ୱରରେ ୧୨୩ଟି ଐତିହ୍ୟ ପଦଯାତ୍ରା ଓ କଳାଭୂମିରେ ୪୭ଟି ସଂଗ୍ରହାଳୟ ଗାଥା ଶୁଣାଯାଇଛି। 'ଡି ଟୁର୍ ଓଡ଼ିଶା' ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରାଯାଉଛି।

### ନିଆରା ଢଙ୍ଗରେ ରଜ ଉତ୍ସବ

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**

ଜୟ ମା' ଭବାନୀ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ପବିତ୍ର ରଜ ସଂକ୍ରାନ୍ତି ଅବସରରେ ନିଆରା ଢଙ୍ଗରେ ରାଜଧାନୀରେ ରଜ ଉତ୍ସବ ପାଳିତ ହୋଇଛି। ବୃଦ୍ଧାବୃଦ୍ଧଙ୍କ ସର୍ବବିଧ ଚିକିତ୍ସା ତଥା ପରୀକ୍ଷା ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା କରାଯାଇଥିଲା। ବୃଦ୍ଧ ମାତାପିତାଙ୍କ ପ୍ରତି କର୍ତ୍ତବ୍ୟ ପାଳନ ବାର୍ତ୍ତା ନେଇ ପ୍ରସ୍ତୁତ ପ୍ରାଚୀର ପତ୍ର ତଥା ବ୍ୟାନର ପ୍ରଦର୍ଶନୀ ଉକ୍ତ ସଭାଗୃହରେ କରାଯାଇଥିଲା। ଏହାପରେ ରଜ ପର୍ବ ପାଳନ ଆରମ୍ଭ ହୋଇଥିଲା। ରଜ ଦୋଳି ଖେଳ ସହିତ ପୋଡ଼ପିଠା ଓ ରଜପାନ ଖାଇ ସମସ୍ତେ ମଜା ଉଠାଇଥିଲେ। ସାହିତ୍ୟ, ସଙ୍ଗୀତର ଏକ ମନୋରମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉତ୍ସବରେ ଟ୍ରଷ୍ଟ ପ୍ରତିଷ୍ଠାତା ସମ୍ପାଦକ ନାରାୟଣ ମହାପାତ୍ର ଟ୍ରଷ୍ଟ ପ୍ରତିଷ୍ଠା ଓ ରଜପର୍ବ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତବକ୍ତା ଭାବେ ଡ. ହରପ୍ରସନ୍ନ ଦାସ, ନୀଳାଦ୍ରିମୋହନ ଶତପଥୀ ଓ ଅନ୍ୟମାନେ ଯୋଗ ଦେଇଥିଲେ। ଟ୍ରଷ୍ଟର ଉପଦେଷ୍ଟା ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଅଧ୍ୟକ୍ଷ ଉମାଶଙ୍କର ପାତ୍ର, କୋଷାଧ୍ୟକ୍ଷ ଉମାନାଥ ମିଶ୍ର ପରିଚାଳନା କରିଥିଲେ। ଏହାପରେ 'ସେବାରତ୍ନ ସମ୍ମାନ-୨୦୧୯' ପ୍ରଦାନ କରାଯାଇଥିଲା।

# ରଜରେ ରଜ ଗାଥା



ମହିଳାମାନେ ରଜ ଗୀତ ଗାଉଛନ୍ତି।

**ଭୁବନେଶ୍ୱର,୧୫।୬(ବ୍ୟୁରୋ)**

ଲ୍ୟାଣ୍ଡମାର୍କଫେଜ୨ରେ ଫ୍ଲାଟ ମାଲିକ ସଂଘ ପକ୍ଷରୁ ରଜ ଉତ୍ସବ ବହୁ ଜାକଜମକରେ ପାଳିତ ହୋଇଛି। ପହିଲି ରଜରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ ପୁରୁଣା ରଜ ସଙ୍ଗୀତ, ରଜ ପର୍ବର ଉତ୍ପତ୍ତି ଓ ଏନେଇ ଥିବା ଲୋକକଥା ଉପରେ ଆଲୋଚନା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମ ପାରମ୍ପରିକ ରଜ ଉତ୍ସବର ପିଠା, ପାନ ଏବଂ ଅନେକ ଚଳଣିସବୁର ସମାହାର କରାଯାଇ ଉତ୍ସବକୁ ଜୀବନ୍ତ କରିବାକୁ ଚେଷ୍ଟା କରାଯାଉଛି। ସାଂସ୍କୃତିକ ପରିଷଦର ସେକ୍ରେଟାରୀ ବନିତା ପଟ୍ଟନାୟକ ଓ ଫ୍ଲାଟ ମାଲିକ ସଂଘ କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଉଛି। ଏହି ଅବସରରେ ସଙ୍ଗୀତ ଗାନରେ ଅଂଶୁମାନ ତ୍ରିପାଠୀ, ପ୍ରିୟଙ୍କା ସିହ୍ନା, ଅନିନ୍ଦିତା ସରକାର ଅଂଶଗ୍ରହଣ କରିଥିଲେ।

# ରଜ ପାଇଁ ଭୁବନପୁର ଉତ୍ସବମୁଖର

## ମୁଖ୍ୟ ଆକର୍ଷଣ ଚଇତାଳି ଘୋଡ଼ାନାଚ

**ବାଲିଅନ୍ତା,୧୫।୬(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ବାଲିଅନ୍ତା ପଞ୍ଚାୟତର ଭୁବନପୁର ଗାଁରେ ଅଧିଷ୍ଠାତ୍ରୀ ଦେବୀ ମା' ଉତ୍ତରମୁଖି ପୀଠରେ ପହିଲି ରଜର ଉତ୍ସବ ଆରମ୍ଭ ହୋଇଯାଇଛି। ଦୀର୍ଘ ୯୦ବର୍ଷ ଧରି ରଜରେ ମା'ଙ୍କ ପୀଠରେ ପାରମ୍ପରିକ ଚଇତାଳି ଘୋଡ଼ା ନାଚ ଆୟୋଜିତ ହୋଇଥାଏ। ରଜରେ ଘୋଡ଼ା ନାଚ ମୁଖ୍ୟ ଆକର୍ଷକ ସାଜିଥିବା ବେଳେ ଏହା ୭ଦିନ ଧରି ଚାଲିବ। ପାରମ୍ପରିକ ରୀତିନୀତି ଅନୁଯାୟୀ ଏହା ହେଉଥିବାବେଳେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୪ଟି ଘୋଡା ନାଚ ଦଳ ଯୋଗଦେବେ। ଏହି ସମୟରେ ଦେବୀ ଦର୍ଶନ ସହ ନାଚ ଦେଖିବା ପାଇଁ ଆଖପାଖ ୨୦ଟି ଗ୍ରାମର ଲୋକ ମା'ଙ୍କ ପୀଠରେ ଭିଡ଼ ଲଗାଇଥାନ୍ତି। ରଜ ସମୟରେ ମା'ଙ୍କ ପୀଠରେ ଘୋଡ଼ା ନାଚ ପରିବେଷଣ କରିଲେ ଭକ୍ତଙ୍କ ମନସ୍କାମନା ମା' ପୂରଣ କରିଥାନ୍ତି ବୋଲି ଲୋକବିଶ୍ୱାସ ରହିଛି। ଗ୍ରାମର ଗୋବିନ୍ଦ ସାହୁ କୁହନ୍ତି, ରଜରେ ମା'ଙ୍କ ପୀଠରେ ଘୋଡା ନାଚ ପରିବେଷଣ ଏକ ପରମ୍ପରା ରହିଆସିଛି। ସେଥିପାଇଁ ମା' ଖୁସି ବି ହୁଅନ୍ତି ଏବଂ ଗ୍ରାମରେ କୌଣସି ବିପଦ ମଧ୍ୟ ପଡି ନଥାଏ ବୋଲି କହିଛନ୍ତି। ରଜରେ ବିବାହିତ ଝିଅମାନେ ବାପଘରକୁ ଆସିଥାନ୍ତି। ଏହି ଅବସରରେ ସମସ୍ତ ଝିଅମାନଙ୍କର ଭେଟ ମଧ୍ୟ ହୋଇଥାଏ। ଚଳିତବର୍ଷ ଘୋଡା ନାଚ ସହ ମିନା ବଜାର ଖୋଲାଯାଇଥିବାବେଳେ ଦୋଳି, ପୋଡ ପିଠା, ପାନ ଆଦି ହୋଇଥିଲା।

# ଭଡ଼ାଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶ୍ରୀବିହାର ପ୍ଲଟ୍ ନଂ.୬୧୫/୨୦୯୩ରୁ ପୋଲିସ ଜଣେ ଯୁବକଙ୍କ ଗଳିତ ମୃତଦେହକୁ ଉଦ୍ଧାର କରିଛି। ମୃତ ଯୁବକ ହେଲେ କଟକ ନିଆଳି ଥାନା ଚାରିଛକ ଅଞ୍ଚଳର ବିଭୁପ୍ରସାଦ ମହାରଣା(୨୯)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏନେଇ କେସ୍ ନଂ.୪୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ଉକ୍ତ ଘରକୁ ସିଲ୍ କରିବା ସହ ଘର ମାଲିକଙ୍କୁ ପଚରାଉଚରା କରିଛି। ଯୁବକ ଜଣକ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା ପରେ ଭିନ୍ନରୂପ ଦେବାକୁ ଉଦ୍ୟମ କରାଯାଇଛି ତାହାର ରହସ୍ୟ ଉନ୍ମୋଚନ ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି।

ମିଳିଥିବା ସୂଚନାନୁଯାୟୀ, ବିଭୁପ୍ରସାଦ ୨୦୧୨ରୁ ବିଟେକ୍ ପାଠ ଶେଷ କରିବା ପରେ ବଡ଼ଭାଇଙ୍କ ସହ ଶ୍ରୀବିହାରରେ ଭଡ଼ାଘରେ ରହି ଚାକିରି ପାଇଁ ପ୍ରସ୍ତୁତି ଚଳାଇଥିଲେ। ୫ ଦିନ ହେବ ବମ୍ବେରେ ରହୁଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କର ଦୁର୍ଘଟଣାରେ ଗୋଡ଼ ଭାଙ୍ଗିଯାଇଥିଲା। ବିଭୁପ୍ରସାଦଙ୍କ ବଡ଼ ଭାଇ ତାଙ୍କୁ ଦେଖିବା ପାଇଁ ୧୧ ତାରିଖରୁ ବମ୍ବେ ଚାଲି ଯାଇଥିଲେ। ଘରେ ଏକୁଟିଆ ଥିଲେ ବିଭୁପ୍ରସାଦ। ୧୩ ତାରିଖରୁ ଲଗାତର ୩ଦିନ ହେବ କବାଟ ବନ୍ଦ ଥିବା ଦେଖି ଘର ମାଲିକଙ୍କ ସନ୍ଦେହ ହୋଇଥିଲା। ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଘରର କବାଟ ବାଡେଇ ବିଭୁପ୍ରସାଦଙ୍କୁ ଡାକିଥିଲେ। ହେଲେ ସେ କବାଟ ଖୋଲି ନ ଥିଲେ। ଘର ଭିତରୁ ଦୁର୍ଗନ୍ଧ ବାହାରୁଥିବାରୁ ଘର ମାଲିକଙ୍କ ସନ୍ଦେହ ଆହୁରି ବଢ଼ିଯାଇଥିଲା। ସେ ତୁରନ୍ତ ଚନ୍ଦ୍ରଶେଖରପୁର ଥାନାକୁ ଫୋନ୍ କରି ଏ ସଂକ୍ରାନ୍ତରେ ଜଣାଇଥିଲେ। ପୋଲିସ ପହଞ୍ଚି କବାଟ ଲକ୍ ଭାଙ୍ଗି ଭିତରକୁ ପଶିବା ପରେ ବିଭୁପ୍ରସାଦଙ୍କ ଗଳିତ ମୃତଦେହ ଡୋର୍ ସ୍କ୍ରିନ୍ ବେକରେ ବନ୍ଧା ଅବସ୍ଥାରେ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ।

ଏହି ଘଟଣାକୁ କେହି ଆତ୍ମହତ୍ୟା ବୋଲି କହୁଛନ୍ତି। ଗତ ୭ ବର୍ଷ ହେବ ବିଭୁପ୍ରସାଦ ଚାକିରି ପାଇଁ ଆବେଦନ କରିବା ସହ ବିଭିନ୍ନ ପରୀକ୍ଷା ଦେଉଥିଲେ ମଧ୍ୟ ଇଚ୍ଛା ମୁତାବକ ଚାକିରି ପାଇପାରି ନ ଥିଲେ। ଏଥିପାଇଁ ବିଭୁପ୍ରସାଦ ଏକ ପ୍ରକାର ମାନସିକ ଚିନ୍ତାରେ ରହୁଥିଲେ। ବିଭିନ୍ନ ସମୟରେ ସେ ଏକାକୀ ବସି କାନ୍ଦି କାନ୍ଦି ନିଜ ଭାଗ୍ୟକୁ ନିନ୍ଦୁଥିବାବେଳେ ଅଧିକାଂଶ ସମୟ ଚୁପ୍‌ଚାପ୍ ରହୁଥିଲେ। ବଡ଼ଭାଇ ତାଙ୍କୁ ବାରମ୍ବାର ବୁଝାଇ ଆଗକୁ ଭଲ ଚାକିରି ମିଳିବ ବୋଲି କହି ଆଶ୍ୱାସନା ଦେଉଥିଲେ। ମାନସିକ ଭାରସାମ୍ୟ ହରାଇ ବିଭୁପ୍ରସାଦ ଏପରି ପଦକ୍ଷେପ ନେଇଥାଇପାରନ୍ତି ବୋଲି ତାଙ୍କୁ ଜାଣିଥିବା କେତେଜଣ କହିଛନ୍ତି। ଅନ୍ୟପକ୍ଷରେ ତାଙ୍କୁ ହତ୍ୟା କରାଯାଇଥିବା ଆଉ କେତେଜଣ ଆଶଙ୍କା ପ୍ରକାଶ କରିଛନ୍ତି। ପୋଲିସ ଠିକ୍ ତଦନ୍ତ କରି ମୃତ୍ୟୁର ପ୍ରକୃତ କାରଣ ଖୋଜି ପାଇବାକୁ ଦାବି ହେଉଛି।

## ଫଟୋରେ ଖବର



ଭୁବନେଶ୍ୱରସ୍ଥ ଗୀତଗୋବିନ୍ଦ ଭବନରେ ଭାରତୀୟ ଭାଷା ଅଭିଯାନ ପକ୍ଷରୁ ଫକୀରମୋହନ ସେନାପତିଙ୍କ ଶ୍ରାଦ୍ଧ ଦିବସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଓ ଅନ୍ୟ ଅତିଥି।



ବାଣୀବିହାର ମୁଖ୍ୟ ଫାଟକ ସମ୍ମୁଖରେ ଥିବା ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ତାଙ୍କ ଶ୍ରାଦ୍ଧ ଦିବସରେ ଶନିବାର ମାଲ୍ୟାର୍ପଣ କରାଯାଉଛି।



ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିରଠାରେ ଜାତୀୟ ଶିକ୍ଷା ନୀତି-୨୦୧୯ ସେମିନାରରେ ଉପସ୍ଥିତ ଅତିଥିବୃନ୍ଦ।

## ସଂକ୍ଷେପରେ

### ୧୮ରେ ରାଜ୍ୟପାଳଙ୍କ କପ୍ତିପଦା ଗସ୍ତ

**କପ୍ତିପଦା, ୧୫।୬ (ଡ଼ି.ଏନ୍.ଏ.):** ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆସନ୍ତା ୧୮ ତାରିଖରେ ମୟୂରଭଞ୍ଜ ଜିଲାର କପ୍ତିପଦା ବ୍ଲକ୍ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜଣାପଡିଛି। ସେ କପ୍ତିପଦା ବ୍ଲକ୍‌ର ଜଡ଼ିଦା ମଧଇଂରାଜୀ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗ ଦେବା ସହିତ କପ୍ତିପଦା ଗଣଉତ୍ସବ 'ବିରାଟ'କୁ ଉଦ୍‌ଘାଟନ କରିବେ। ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ବସନ୍ତ କୁମାର ରାଉଳ, ଶିକ୍ଷାକ୍ଷେତ୍ରରେ ନିରଞ୍ଜନ ସାହୁ, ଆଦିବାସୀ ଅଞ୍ଚଳରେ ଉଚ୍ଚ ଶିକ୍ଷାର ବିକାଶ କ୍ଷେତ୍ରରେଅଧକ୍ଷ ଭଗବାନ ପଣ୍ଡା, ଉତ୍ସର୍ଗୀକୃତ ସ୍ୱାସ୍ଥ୍ୟସେବା ପାଇଁ ଗିରୀଶ ଚନ୍ଦ୍ର ସେନାପତି, କୃଷି ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ, ହୋ ଭାଷାର ବିକାଶ ପାଇଁ ତୁରାମ ସିଂ, ସଂଗୀତ ଓ ସମାଜ ସଂସ୍କାର କ୍ଷେତ୍ରରେ ବ୍ରଜସୁନ୍ଦର ମାଝୀ, କପ୍ତିପଦା ବ୍ଲକ୍ ମାଟ୍ରିକ୍ ଟପର ନୁଦଡ଼ିହାସ୍ଥିତ ଲାଲବାହାଦୂର ଉଚ୍ଚ ବିଦ୍ୟାଳୟର ଛାତ୍ର ସୁବ୍ରତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯିବ । ୩ଦିନ ଧରି ହେବାକୁ ଥିବା ଗଣଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହଛି। ଏହି ଉପଲକ୍ଷେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଜଣାପଡିଛି।

### ରାଜପଥ ପାର୍ଶ୍ୱରୁ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର: ହତ୍ୟା ସନ୍ଦେହ

**ବାଲୁଗାଁ, ୧୫।୬(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ୧୬ନଂ ଜାତୀୟ ରାଜପଥର ବାଲୁଗାଁ ବାଇପାସ୍ ରାସ୍ତା ସରନଈ ଓଭରବ୍ରିଜ୍ ପାର୍ଶ୍ୱରୁ ଶନିବାର ସକାଳେ ଜଳୁଥିବା ଅବସ୍ଥାରେ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ବାଲୁଗାଁ ପୋଲିସ ଉଦ୍ଧାର କରିଛି । ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସ ତଦନ୍ତରୁ ଜଣାଯାଇଛି। ଶୁକ୍ରବାର ରାତ୍ରରେ କୌଣସି ଦୁର୍ବୃତ୍ତ ମହିଳାଙ୍କୁ ହତ୍ୟା କରିବା ପରେ ମୃତଦେହ ଉପରେ ଟାୟାର ରଖି ପେଟ୍ରୋଲ୍ ଢାଳି ନିଁଆ ଲଗାଇ ଫେରାର ହୋଇଯାଇଛି। ମହିଳାଙ୍କ ଶରୀରର ପ୍ରାୟ ୮୦ପ୍ରତିଶତ ପୋଡ଼ି ଯାଇଥିବା ବେଳେ ଚିହ୍ନଟ କରିବା ସମ୍ଭବ ହୋଇପାରିନାହିଁ । ସେଠାରେ କିଛି ଚୁଡ଼ି ପଡ଼ିଥିବା ବେଳେ ତାହା ମହିଳାଙ୍କ ମୃତଦେହ ବୋଲି ପୋଲିସ ଜାଣିପାରିଛି । ମୃତା ମହିଳାଙ୍କ ବୟସ ଆନୁମାନିକ ୨୫ରୁ ୩୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଖବରନେବାରେ ଜଣାଯାଇଛି ଯେ, ବାଇପାସ୍ ରାସ୍ତା ନାଭାଲ ଛକର ଅନତି ଦୂର ସରନଈ ଓଭରବ୍ରିଜ୍ ପାର୍ଶ୍ୱ ଏକ ନିକାଞ୍ଚନ ସ୍ଥାନରେ ଶନିବାର ସକାଳେ ଏକ ମୃତଦେହ ଜଳୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ । ଖବର ପାଇ ବାଲୁଗାଁ ଥାନା ଆଇଆଇସି ରମାକାନ୍ତ ମହାଲିକ୍ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସରଜମିନ୍ ତଦନ୍ତ କରିଥିଲେ । ତଦନ୍ତରେ ମହିଳାଙ୍କୁ କେହି ହତ୍ୟା କରି ଏପରି କାଣ୍ଡ ଘଟାଇଥିବା ଜଣାପଡ଼ିଛି । ଏହି ଘଟଣା ପ୍ରଘଟ ହେବାରେ ଆଖପାଖ ଗ୍ରାମାଞ୍ଚଳରୁ ଶତାଧିକ ଲୋକ ରୁଣ୍ଡ ହୋଇଥିଲେ । ମହିଳାଙ୍କ ମୁହଁ ବୀଭତ୍ସ ହୋଇଥିବାରୁ ଚିହ୍ନଟ କରିବା କଷ୍ଟକର ହୋଇଛି। ଅପରାହ୍ନରେ ୭ଜଣିଆ ପୋଲିସ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି । ବାଲୁଗାଁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଏନେଇ ନଂ ୬୧/୧୯ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଅବ୍ୟାହତ ରଖିଛି ।

### ଦାଦାବଟି ପାଇଁ ସରପଞ୍ଚଙ୍କୁ ହତ୍ୟା ଉଦ୍ୟମ

**ଦିଗପହଣ୍ଡି, ୧୫।୬(ଡି.ଏନ.ଏ.):** ଦିଗପହଣ୍ଡି ଥାନା ବନ୍ଥପଲ୍ଲୀ ସରପଞ୍ଚ ପ୍ରଶାନ୍ତ ସ୍ୱାଇଁଙ୍କୁ ଦାଦାବଟି ପାଇଁ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି । ବୋମାମାଡ଼ରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ପ୍ରଶାନ୍ତ। ଶୁକ୍ରବାର ରାତି ପ୍ରାୟ ୮ଟାରେ ଚାଞ୍ଚଡ଼ାପଲ୍ଲୀ ଗାଁ ମୁଖ୍ୟ ରାସ୍ତାରେ ପୂର୍ବ ଯୋଜନା ପ୍ରକାରେ ଲାଠୀଗାଁର ହାର୍ଡକୋର କ୍ରିମିନାଲ ଚେରୁ ଓରଫ ଶ୍ୟାମ ସୁନ୍ଦର ଗୌଡ଼ ଓ ତାଙ୍କ ୨ ସହଯୋଗୀ ସରପଞ୍ଚଙ୍କୁ ଅଟକାଇ ଦାଦାବଟି ମାଗିଥିଲେ। ସରପଞ୍ଚଙ୍କ ସହ ସେମାନଙ୍କ ଯୁକ୍ତିତର୍କ ଓ କଥା କଟାକଟି ହେବା ପରେ ତାଙ୍କ ସମର୍ଥକମାନେ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଚେରୁ ଓ ତାଙ୍କ ସହ ଥିବା ୨ ସହଯୋଗୀଙ୍କୁ ଲୋକେ ଧରିବାକୁ ଗୋଡ଼ାଇଥିଲେ। ଅସାବଧାନତା କାରଣରୁ ଚେରୁ ହାତରେ ଧରିଥିବା ବୋମା ବିସ୍ଫୋରଣ ହେବାରୁ ତାଙ୍କ ଡ଼ାହାଣ ହାତ ପାପୁଲି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଚେରୁଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରିଛି। ସରପଞ୍ଚଙ୍କ ଏତଲାକ୍ରମେ ଦିଗପହଣ୍ଡି ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଉଜୁଡୁଛି ଜଙ୍ଗଲ, ସହଯୋଗ କରୁଛନ୍ତି କର୍ମଚାରୀ

- ନିୟମ ଅନୁଯାୟୀ ନିଆଯାଉନି ଅନୁମତି
- କାଠ ବ୍ୟବସାୟୀ ବାହାରକୁ କରୁଛନ୍ତି ଚାଲାଣ
- ରାଜସ୍ୱ ବିଭାଗ ସହ ହେବ ଆଲୋଚନା

**ମାଲକାନଗିରି, ୧୫।୬(ଡି.ଏନ.ଏ.)**



ମାଲକାନଗିରି ଜିଲାରେ ପ୍ରତ୍ୟହ ଶୁଳ୍କବିହୀନ ଗଛ କଟାଯାଇ ଜିଲା ବାହାରକୁ ଟ୍ରକରେ ଚାଲାଣ କରାଯାଉଛି। ଏହି ଗଛ କାଟିବା ପାଇଁ ଜଙ୍ଗଲ ଏବଂ ରାଜସ୍ୱ ବିଭାଗ କାଠ ବ୍ୟବସାୟୀଙ୍କୁ ସହଯୋଗ କରୁଥିବା ଅଭିଯୋଗ ହେଉଛି। ନିୟମ ଅନୁଯାୟୀ ଯେକୌଣସି ଗଛ କାଟିବା ପୂର୍ବରୁ ସେହି ଗଛର ସ୍ଥିତି, ମାଲିକାନା ଏବଂ କେଉଁ କାରଣରୁ ଗଛ କଟାଯିବ ଜଣାଇ ଜଙ୍ଗଲ ବିଭାଗଠାରୁ ଅନୁମତି ନେବା କଥା । ଯଦି ରାଜସ୍ୱ ଜମିରେ ହୋଇଥାଏ ତେବେ ଗଛ କାଟିବା ପାଇଁ ଉଭୟ ରାଜସ୍ୱ ଏବଂ ଜଙ୍ଗଲ ବିଭାଗର ମିଳିତ ସରଜମିନରେ ଚିହ୍ନଟ ହେବା ପରେ କଟାଯିବାର ନିୟମ ରହିଛି । ଏନେଇ ଯଥେଷ୍ଟ ପ୍ରମାଣ ରହିବା ଆବଶ୍ୟକ। ଯଦି ଗଛଟି ଶୁଖି ମରି ଯାଇଥାଏ କିମ୍ବା ବାସଗୃହକୁ ଲାଗି ରହିଥାଏ, ବାତ୍ୟାରେ ଯଦି ଗଛ ଭାଙ୍ଗିଯିବାର, ଉପୁଡ଼ିଯିବାର ସମ୍ଭାବନା ଥାଏ ଏ କ୍ଷେତ୍ରରେ ଧନଜୀବନ ନଷ୍ଟ ହେବା ଆଶଙ୍କା କରି ଗଛଟିକୁ କାଟିବା ପାଇଁ ଅନୁମତି ମଗାଯାଏ । ଘଟଣାର ସତ୍ୟାସତ୍ୟ ତଦନ୍ତ ପରେ ତଦନ୍ତକାରୀ ଅଧିକାରୀ ଏହାର ସତ୍ୟତା ଅନୁଭବ କଲେ ବିଭାଗ ପକ୍ଷରୁ ଗଛ କାଟିବା ପାଇଁ ଅନୁମତି ଦେଇଥାନ୍ତି। ଯଦି କଟାଯାଇଥିବା ଗଛ ଶୁଳ୍କବିହୀନ ଏବଂ ପରିବହନ ପାଇଁ ଆଦେଶପତ୍ରର ଆବଶ୍ୟକ ନ ପଡେ ତେବେ ଗଛର ମାଲିକ ଗଛଟିକୁ କଟାଗଲା ପରେ ଯେକୌଣସି ବ୍ୟକ୍ତିକୁ ଦେଇପାରନ୍ତି। ଆମ ରାଜ୍ୟ ସରକାର ଆକାଶିଆ ନୀଳଗିରି, ବଡଚାକୁଣ୍ଡା ପରି କେତେକ ବୃକ୍ଷକୁ ଶୁଳ୍କବିହୀନ କରିବା ସହ ପରିବହନ ଲାଗି ଅନୁମତି ପତ୍ରର ଆବଶ୍ୟକ ନାହିଁ ବୋଲି ଘୋଷଣା କରିଛନ୍ତି। ତେବେ ଗଛ କାଟିବା ପାଇଁ ଅନୁମତିର ଆବଶ୍ୟକତା ରହିଛି। ମାଲକାନଗିରି ଜିଲାର କେତେକ କାଠ ବ୍ୟବସାୟୀ ବିଭିନ୍ନ ଜଙ୍ଗଲରେ ଥିବା ଗ୍ରାମର ଘରଡିହରେ ଥିବା ଗଛଗୁଡିକୁ ସ୍ୱଳ୍ପ ମୂଲ୍ୟ ଦେଇ ବିନାନୁମତିରେ କାଟି ଚାଲାଣ କରୁଥିବା ଦେଖିବାକୁ ମିଳୁଛି। ଏକ୍ଷେତ୍ରରେ ରାଜସ୍ୱ ବିଭାଗର ରାଜସ୍ୱ ନିରୀକ୍ଷକ ଏବଂ ବନ ବିଭାଗର କ୍ଷେତ୍ର କର୍ମଚାରୀ, ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡ ଉଦ୍ଦିଷ୍ଟ ଏକ ଆବେଦନପତ୍ରରେ ଦସ୍ତଖତ କରି କାଠ ବ୍ୟବସାୟୀଙ୍କୁ ଗଛ କାଟିବାରେ ସହଯୋଗ କରୁଥିବା ଅଭିଯୋଗ ହେଉଛି। ଆକାଶିଆ ଚାକୁଣ୍ଡା, ୟୁକାଲ ପଟାସ୍ ପରି ବୃକ୍ଷ ଦୀର୍ଘ ୩୦ ବର୍ଷ ହେଲା ବନ ବିଭାଗ ବିଭିନ୍ନ ଜଙ୍ଗଲ ଅଞ୍ଚଳରେ ରୋପଣ କରିଥିଲା। ମାତ୍ର ଏହି ବୃକ୍ଷଗୁଡିକୁ ଅନେକ ଜଙ୍ଗଲ ଅଞ୍ଚଳରୁ କଟାଯାଇ ସ୍ଥାନୀୟ ଲୋକଙ୍କ ନିଜସ୍ୱ ପଟ୍ଟାଜମିରେ ଥିବା ଦର୍ଶାଇ ବିନା ଅନୁମତିରେ ପରିବହନ କରାଯାଉଛି। ଗତମାସରେ ଏପରି ଏକ ଘଟଣା କୋରାପୁଟ ବନଖଣ୍ଡରେ ଘଟିଥିଲା। କାଠ ବ୍ୟବସାୟୀ ଜଣେ ଜମି ପଟ୍ଟାଧାରୀଙ୍କଠାରୁ ଗଛ ଖରିଦ କରି କାଟିଥିବା ବେଳେ ସେହି ଜମିକୁ ଲାଗି ଏକ ରିଜର୍ଭ ଜଙ୍ଗଲରେ ଥିବା ଗଛକୁ କାଟି ନେଇ ଯାଇଥିଲେ। ଏହି ବିଷୟ ଡିଏଫଓ ଜାଣିବା ପରେ ଘଟଣାର ତଦନ୍ତ କରି ସମ୍ପୃକ୍ତ ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡଙ୍କୁ ନିଲମ୍ବିତ କରିଥିଲେ। ଏ ଦିଗରେ ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଗ୍ରାମାଞ୍ଚଳରୁ ବୃକ୍ଷସଂଖ୍ୟା କମିବାରେ ଲାଗିବ। ଏ ସମ୍ପର୍କରେ ମାଲକାନଗିରି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ବନାଞ୍ଚଳର ସୁରକ୍ଷା ପାଇଁ ତାଙ୍କ ବିଭାଗ ପକ୍ଷରୁ ରାଜସ୍ୱ ବିଭାଗ ସହ ଆଲୋଚନା କରି ପଦକ୍ଷେପ ନିଆଯିବ। ଯଦି କୌଣସି ବନକ୍ଷେତ୍ର କର୍ମଚାରୀ ଏପରି କାର୍ଯ୍ୟରେ ସମ୍ପୃକ୍ତ ଥିବା ତାଙ୍କ ଦୃଷ୍ଟିକୁ ଆସିବ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଘାଟିରେ ଓଲଟିଲା ଅଟୋରିକ୍ସା
## ୧୦ ଆହତ, ମହିଳା ଗୁରୁତର

**ଦାରିଙ୍ଗବାଡ଼ି, ୧୫।୬(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଥାନା ଆମ୍ବଖାଲିଆ ଘାଟିରେ ଏକ ଅଟୋ (ନଂ.ଓଡି୨୫ଏ–୭୩୮୩) ଦୁର୍ଘଟଣାଗ୍ରସ୍ତ ହେବାରୁ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କ ଅବସ୍ଥା ଗୁରୁତର ରହିଛି। ସେ ହେଲେ ଗଦାପୁର ଅଞ୍ଚଳର ନମିତା ସାସମଲ୍। ପ୍ରକାଶ ଯେ, ଯାତ୍ରୀଙ୍କୁ ନେଇ ଅଟୋଟି ବ୍ରାହ୍ମଣୀଗାଁ ଥାନା ଗଦାପୁରଠାରୁ ବାଲିଗୁଡ଼ା ଥାନା ଅଞ୍ଚଳର ବୁଡାଗୁଡ଼ାକୁ ଯାଉଥିଲା । ୫୯ନଂ ଜାତୀୟ ରାଜପଥର ଆମ୍ବଖଲିଆ ଘାଟିରେ ଚାଳକ ଭାରସାମ୍ୟ ହରାଇବାରୁ ଅଟୋ ଦୁର୍ଘଟଣାଗ୍ରସ୍ତ ହେବାରୁ ସମସ୍ତେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଏବଂ ପୋଲିସ ସେମାନଙ୍କୁ ଉଦ୍ଧାର କରି ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ନମିତାଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡମେଡିକାଲ ନେବା ନିମନ୍ତେ ଡାକ୍ତର ପରାମର୍ଶ ଦେଇଛନ୍ତି। ଦୁର୍ଘଟଣାଗ୍ରସ୍ତ ଅଟୋକୁ ପୋଲିସ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ବିଏମ୍‌ସିର ପ୍ରସ୍ତାବିତ ଡିଡିଏନ୍ ପ୍ରକଳ୍ପ ବନ୍ଦ
# କାର୍ଯ୍ୟକାରୀ ନ ହେଉଣୁ ମିଳିଛି ସ୍କଚ୍ ପୁରସ୍କାର

- ଡିଜିଟାଲ ନମ୍ବରିଂ ବଦଳରେ ଘର କାନ୍ଥରେ ଲାଗିଛି ଛାପା କାଗଜ
- ହାଇଦ୍ରାବାଦର ଘରୋଇ ସଂସ୍ଥା ନେଇଛି ବହୁ ଲକ୍ଷ ଟଙ୍କା

**ବ୍ରହ୍ମପୁର ଅଫିସ, ୧୫।୬**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ପ୍ରସ୍ତାବିତ ଡିଜିଟାଲ ଡୋର ନମ୍ବରିଂ (ଡିଡିଏନ୍) ଯୋଜନା ବନ୍ଦ ହୋଇଯାଇଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ ନୂଆଦିଲ୍ଲୀର ଏକ ସଂସ୍ଥା ଦ୍ୱାରା ପୁରସ୍କୃତ ହୋଇଛି ମହାନଗର ନିଗମ । ୨୦୧୮ ଜାନୁୟାରୀରେ ପୂର୍ବତନ ମେୟର କେ. ମାଧବୀ ଓ ତତ୍କାଳୀନ ବିଏମ୍‌ସି କମିଶନର ନିଖିଲ ପଓ୍ବନ କଲ୍ୟାଣ ନିଗମ ଖର୍ଚ୍ଚରେ ଦିଲ୍ଲୀ ଯାଇ ସ୍କଚ୍ ଅର୍ଡର ଅଫ୍ ମେରିଟ୍ ପୁରସ୍କାର ଗ୍ରହଣ କରିଥିଲେ। ଘରଗୁଡ଼ିକୁ ଡିଜିଟାଲ ନମ୍ବରିଂ କରିବା ନିମନ୍ତେ ହାଇଦ୍ରାବାଦର ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ସେହି ସଂସ୍ଥାଦ୍ୱାରା ପୁରସ୍କାରର ଆୟୋଜନ କରାଯାଇଥିଲା। ଏବେ ସେହି ଖବର ପଦାକୁ ଆସିଛି ।

ସୂଚନାଯୋଗ୍ୟ, ୨୦୧୮ ଜାନୁୟାରୀ ୯ରେ ବିଏମ୍‌ସି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ କମିଶନର ପଓ୍ବନ କଲ୍ୟାଣ କହିଥିଲେ, ମହାନଗରର ପ୍ରତ୍ୟେକ ଘରର ନମ୍ବରିଂ କରିବା ଏକ ବୈଧାନିକ ଆବଶ୍ୟକତା। ତଦନୁଯାୟୀ ଡିଡିଏନ୍ (ଡିଜିଟାଲ ଡୋର ନମ୍ବରିଂ) ପ୍ରକଳ୍ପ ହାତକୁ ନିଆଯାଇଛି । ଏହାଦ୍ୱାରା ମହାନଗରବାସୀଙ୍କ ସ୍ୱାର୍ଥ ଜଡ଼ିତ ଏବଂ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟମାନଙ୍କୁ ମଧ୍ୟ ବହୁବିଧ ସୁବିଧା ଉପଲବ୍ଧ ହେବ ଓ ନିଗମକୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାରେ ସୁବିଧା ହୋଇପାରିବ। ଏହି ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ମହାନଗର ନିଗମ ସ୍କଚ୍ ଅର୍ଡର ଅଫ୍ ମେରିଟ୍ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି । ତେଣୁ ମେୟରଙ୍କ ସହ ସେ ଦିଲ୍ଲୀ ଯାଇ ପୁରସ୍କାର ଗ୍ରହଣ କରିବାର କଲ୍ୟାଣ ସୂଚାଇଥିଲେ । ପରେ ଉଭୟେ ଦିଲ୍ଲୀ ଯାଇ ପୁରସ୍କାର ଗ୍ରହଣ କରିଥିବା ବିଏମ୍‌ସି ରେକର୍ଡରେ ଅଛି ।

ମହାନଗରରେ ବର୍ତ୍ତମାନ ସୁଦ୍ଧା ୫୮ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ବାସଗୃହ ରହିଛି। ନୂଆ ସାହିବସ୍ତି ସଂଖ୍ୟା ମଧ୍ୟ ବଢ଼ି ଚାଲିଛି । ତେଣୁ ସବୁ ଘର ଆଗର ଡିଜିଟାଲ ନମ୍ବରିଂ କରାଯିବାକୁ ପ୍ରସ୍ତାବ ରଖାଗଲା । ହାଇଦ୍ରାବାଦର ଏକ ଘରୋଇ ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଥିଲା। ବିଏମ୍‌ସିର ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଲାଗି ବ୍ୟବସାୟୀ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ଦାନ ଆକାରରେ ମିଳିଥିବା ବହୁ ଲକ୍ଷ ଟଙ୍କା ସେହି ସଂସ୍ଥା ଅଗ୍ରିମ ବାବଦରେ ନେଇଥିଲା । କାଗଜରେ ଛାପି ଅନେକ ଘର ଆଗରେ ତାହା ଲଗାଯାଇଛି ଓ ପ୍ରସ୍ତାବିତ ଡିଜିଟାଲ ନମ୍ବରିଂ ହଜିଯାଇଛି। କାନ୍ଥରେ ଲଗାଯାଇଥିବା ସେହି ରଙ୍ଗିନ ଛାପା କାଗଜ ବର୍ଷା ପାଣି ପଡ଼ି ଧୋଇ ହୋଇଯାଇଛି । ଅନ୍ୟପକ୍ଷରେ ଡିଡିଏନ୍ ଯୋଜନା ବନ୍ଦ ହୋଇଯାଇଥିବା ବିଏମ୍‌ସିର ଜଣେ ଦାୟିତ୍ୱ ସମ୍ପନ୍ନ ଅଧିକାରୀ ନିଜ ନାମକୁ ଗୋପନ ରଖି କହିଛନ୍ତି । ଗତ ଅକ୍ଟୋବର ମାସ ପ୍ରାରମ୍ଭରୁ ନିର୍ବାଚିତ ନିଗମ ପରିଷଦର କାର୍ଯ୍ୟକାଳ ସରିଯାଇଛି। ପୁରାତନ ସ୍ୱାୟତ୍ତ ଶାସନ ସଂସ୍ଥାରେ ଏବେ ଅମଲାତନ୍ତ୍ର ଶାସନ ଚାଲିଛି। ଡିଡିଏନ୍ ପ୍ରକଳ୍ପ ଠପ୍ ହୋଇଛି । ସ୍କଚ୍ ଆୱାର୍ଡ ଅଫ୍ ମେରିଟ ପୁରସ୍କାର ଫଳକଟି ନିଗମ ଦପ୍ତରରେ ରଖାଯାଇଛି। ଶନିବାର ଯୋଗାଯୋଗ ବେଳେ ପୂର୍ବତନ ମେୟର ମାଧବୀ କହିଛନ୍ତି, ପୁରସ୍କାର ମିଳିଥିଲେ ମଧ୍ୟ ଡିଡିଏନ୍ ଯୋଜନା ବନ୍ଦ ହୋଇଯାଇଛି।



**ଚାନ୍ଦବାଲି:** ଉତ୍ତ୍ୟକ୍ତ ଲୋକେ ରାସ୍ତାରେ ଟାୟାର ଜାଳି ଅବରୋଧ କରିଛନ୍ତି।

### ଲଞ୍ଚ ଘାଟରେ ନଦୀକୁ ଡେଇଁ ଯୁବକ ନିଖୋଜ
## ଉଦ୍ଧାର କାର୍ଯ୍ୟରେ ଅବହେଳା ନେଇ ଉତ୍ତେଜନା, ଭଙ୍ଗାରୁଜା

**ଚାନ୍ଦବାଲି, ୧୫।୬ (ଡି.ଏନ.ଏ)**

ଭଦ୍ରକ ଜିଲା ଚାନ୍ଦବାଲି ସହର ନିକଟ ବୈତରଣୀ ଲଞ୍ଚ ଘାଟରେ ଶନିବାର ଅପରାହ୍ନରେ ଜିତୁନ ଦାସ(୨୫) ନାମକ ଜଣେ ଯୁବକ ନଦୀକୁ ଡେଇଁପଡ଼ି ନିଖୋଜ ହୋଇଯାଇଛନ୍ତି। ତାଙ୍କ ଘର ଚାନ୍ଦବାଲି ଥାନା ଅନ୍ତର୍ଗତ ପାଞ୍ଚପଡ଼ା ଗାଁରେ। ଘାଟ ଦାୟିତ୍ୱରେ ଥିବା ଅନ୍ତର୍ଦ୍ଦେଶୀୟ ଜଳ ପରିବହନ ସଂସ୍ଥା(ଆଇଡବ୍ଲ୍ୟୁଟି)ର କର୍ମଚାରୀ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରିବାରେ ଅବହେଳା ପ୍ରଦର୍ଶନ କରିବାରୁ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ଆଇଡବ୍ଲ୍ୟୁଟି ଅଫିସରେ ପଶି ଭଙ୍ଗାରୁଜା କରିଥିଲେ। ପରେ ସେମାନେ ବସ୍‌ଷ୍ଟାଣ୍ଡରେ ଟାୟାର ଜାଳି ଭଦ୍ରକ–ଚାନ୍ଦବାଲି ରାସ୍ତାକୁ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ, ଜିତୁନ ଜଣେ ଘରୋଇ ଗାଡ଼ି ଚାଳକ। ଅପରାହ୍ନରେ ସେ ଲଞ୍ଚ ଘାଟରେ କିଛି ସମୟ ବସିବା ପରେ ନିଜର ସାର୍ଟ ପ୍ୟାଣ୍ଟ, ଜୋତା ଓ ମୋବାଇଲ ଘାଟରେ ରଖି ନଦୀକୁ ଡେଇଁ ପଡ଼ିଥିଲେ। ସେ ନଦୀରେ ଭାସୁଥିବା ବେଳେ ତାଙ୍କୁ ଉଦ୍ଧାର କରିବାକୁ କେତେଜଣ ସାଙ୍ଗ ଉଦ୍ୟମ କରିଥିଲେ। ଘାଟରେ ଥିବା ସରକାରୀ ମୋଟର ଲଞ୍ଚ ସହାୟତାରେ ତାଙ୍କୁ ଉଦ୍ଧାର କରାଯିବାକୁ ଲୋକେ ଦାବି କରିଥିଲେ। ଆଇଡବ୍ଲ୍ୟୁଟି କର୍ମଚାରୀଙ୍କ ଅନୁପସ୍ଥିତି ଯୋଗୁ ଲଞ୍ଚ ନେବାରେ ବିଳମ୍ବ ହୋଇଥିଲା। ଶେଷରେ ଘରୋଇ ଡଙ୍ଗା ସହାୟତାରେ ସେମାନେ ଖୋଜାଖୋଜି କରିଥିଲେ। ଉଦ୍ଧାର କାର୍ଯ୍ୟରେ ଆଇଡବ୍ଲ୍ୟୁଟିର ଅସହଯୋଗ କାରଣରୁ ପରିସ୍ଥିତି ଜଟିଳ ରୂପ ନେଇଥିଲା। ପୋଲିସ ସେଠାରେ କେତେକ ଲଞ୍ଚ କର୍ମଚାରୀଙ୍କୁ ସୁରକ୍ଷା ଯୋଗାଇଥିଲା। ପରେ ଲଞ୍ଚ ସହାୟତାରେ ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ନିଖୋଜ ଜିତୁନଙ୍କ ସନ୍ଧାନ ମିଳି ନ ଥିବା ଜଣାପଡ଼ିଛି।

# ହାତୀ ଆକ୍ରମଣରେ ଜଣେ ମୃତ, ୨ ଗୁରୁତର

**ଟିଗିରିଆ/ନରସିଂହପୁର, ୧୫।୬ (ଡି.ଏନ୍.ଏ.)**

କଟକ ଜିଲା ଟିଗିରିଆ ବନଚକ ଅଧୀନ ହରିଡ଼ାପଶିଠାରେ ଶନିବାର ଦନ୍ତାହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଛି। ସେହିଭଳି ନରସିଂହପୁର ବ୍ଲକ ବଡଭୂଇଁ ପଞ୍ଚାୟତ ଅନ୍ତର୍ଗତ ଦନ୍ତାରିଆ ଗାଁ ଆମ୍ବତୋଟା ରାସ୍ତାରେ ହାତୀପଲ ଆକ୍ରମଣରେ ୨ ଜଣ ଗୁରୁତର ହୋଇଛନ୍ତି।

ମୃତକ ଜଣକ ହେଲେ ହରିଡ଼ାପଶି ଗ୍ରାମର ଶରତ ବେହେରା (୪୬)। ଭୋର ସମୟରେ ସେ ଗ୍ରାମ ନିକଟସ୍ଥ ସାତହାତିଆ ନାଳ କଡ଼କୁ ଶୌଚ ହେବାକୁ ଯାଇଥିବା ବେଳେ ଜଙ୍ଗଲୀ ହାତୀ ହାବୁଡ଼ରେ ପଡ଼ିଥିଲେ। ସେଠାରେ ହାତୀଟି ଶରତଙ୍କୁ ଦଳି ଚକଟି ଦେବା ସହ ଦାନ୍ତରେ ଭୁସି ଓ ଶୁଣ୍ଢରେ ମୋଡ଼ି ଶରୀରକୁ ୨ ଖଣ୍ଡ କରିଦେଇଥିଲା। ଉକ୍ତ ହାତୀଟି ଢେଙ୍କାନାଳ ବନାଞ୍ଚଳରୁ ଆସିଥିବା ନେଇ ବନ ବିଭାଗ ପକ୍ଷରୁ ସନ୍ଦେହ କରାଯାଉଛି। ଖବରପାଇ ଟିଗିରିଆ ବନପାଳ ସୁଚରିତା ସାମନ୍ତରାୟ, ଆଠଗଡ଼ ରେଞ୍ଜର ରବୀନ୍ଦ୍ର କୁମାର ନାୟକ ଓ ଏସିଏଫ୍ ରାଜେନ୍ଦ୍ର କୁମାର ଦାଶ ଓ ଟିଗିରିଆ ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଟିଗିରିଆ ଥାନାରେ ଅପମୃତ୍ୟୁ ମାମଲା (ନଂ–୭/୧୯) ରୁଜୁ ହୋଇଛି। ସେହିପରି ଦନ୍ତାରିଆ ଗାଁ ଆମ୍ବତୋଟା ରାସ୍ତାରେ ହାତୀପଲ ଆକ୍ରମଣରେ ପଦ୍ମପୁର ଗ୍ରାମର ବୀରକିଶୋର ବେହେରା(୭୦) ଓ ଲକ୍ଷ୍ମୀଧର ଜେନା(୪୦) ଗୁରତର ହୋଇଛନ୍ତି। ସକାଳେ ବୀରକିଶୋର ତୋଟା ରାସ୍ତା ଦେଇ ଯାଉଥିବାବେଳେ ସେଠାରେ ହାତୀପଲ ତାଙ୍କୁ ଆକ୍ରମଣ କରିଥିଲେ। ସେତେବେଳେ ଗ୍ରାମ ନିକଟ ନାଳରେ ଗାଧୋଉଥିବା ଲକ୍ଷ୍ମୀଧର ହାତୀପଲ ଦେଖି ଦୌଡିଥିଲେ। ଏହି ସମୟରେ ତାଙ୍କ ଛାତିରେ ଆଘାତ ଲାଗିବାରୁ ସେ ଗୁରୁତର ହୋଇଥିଲେ। ଖବରପାଇ ପଶ୍ଚିମାଞ୍ଚଳ ରେଞ୍ଜର ବିଭୂରଞ୍ଜନ ରାୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ନରସିଂହପୁର ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ବୀରକିଶୋରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ଆଜିଠୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ଶିମିଳିପାଳ

**ବାରିପଦା ଅଫିସ, ୧୫।୬**

ମୟୂରଭଞ୍ଜ ଜିଲାର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଶିମିଳିପାଳ ଅଭୟାରଣ୍ୟ ବର୍ଷାଋତୁ ଲାଗି ଅନ୍ୟବର୍ଷ ଭଳି ଏଥର ଜୁନ ୧୬ରୁ ନଭେମ୍ବର ୧ ତାରିଖ ଯାଏ ବନ୍ଦ ରହିବ। ଚଳିତବର୍ଷ ବିଦେଶୀ ପର୍ଯ୍ୟଟକଙ୍କୁ ମିଶାଇ ରାଜ୍ୟ ଓ ରାଜ୍ୟ ବାହାରୁ ଅଧିକ ପର୍ଯ୍ୟଟକ ଅଭୟାରଣ୍ୟ ପରିଦର୍ଶନରେ ଆସିଥିବା କୁହାଯାଉଛି। ବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କ ସଂଖ୍ୟା ନେଇ ଠିକ୍ ସୂଚନା ଦିଆଯାଇ ନାହିଁ । ଅଭୟାରଣ୍ୟରେ ରାତ୍ରି ଯାପନ ଲାଗି ରହଣି ସୁବିଧା ସାଙ୍ଗକୁ ଖାଦ୍ୟପେୟ ବ୍ୟବସ୍ଥା ଓ ମୟୂରଭଞ୍ଜର ଲୋକ ସଂସ୍କୃତି ସମ୍ପର୍କରେ ଅବଗତ କରାଇବା ଲାଗି ପଦକ୍ଷେପ ନିଆଯିବା ଯୋଗୁ ଏହା ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରୁଛି। ଆଗାମୀ ପର୍ଯ୍ୟଟନ ଋତୁ ଲାଗି ଭିତ୍ତିଭୂମିର ବିକାଶ ଲାଗି ଯୋଜନା କରାଯାଇଥିବା ସୂଚନା ମିଳିଛି।




ଲୁଲୁଙ୍ଗ ନିକଟରେ ଥିବା ଶିମିଳିପାଳ ଅଭୟାରଣ୍ୟର ମୁଖ୍ୟ ଫାଟକ।

ଶିମିଳିପାଳ ଅଭୟାରଣ୍ୟରେ ୧୦୭୬ ପ୍ରକାରର ଉଦ୍ଭିଦ, ୪୨ ପ୍ରଜାତିର ସ୍ତନ୍ୟପାୟୀ, ୨୪୨ ପ୍ରଜାତିର ପକ୍ଷୀ, ୩୦ ପ୍ରଜାତିର ସରୀସୃପ ରହିଛନ୍ତି। ଅନେକ ପାହାଡ, ପର୍ବତ, ଜଳପ୍ରପାତ ରହିଛି, ଯାହା ପ୍ରକୃତି ପ୍ରେମୀଙ୍କୁ ଆକର୍ଷିତ କରିଥାଏ। ଅତି ନିକଟରୁ ବନ୍ୟପ୍ରାଣୀଙ୍କୁ ଦେଖିବାର ସୁଯୋଗ ପର୍ଯ୍ୟଟକଙ୍କୁ ମିଳିଥାଏ। ଏଥିପାଇଁ ଶିମିଳିପାଳ ଅଭୟାରଣ୍ୟର ସ୍ୱତନ୍ତ୍ର ଆକର୍ଷଣ ରହିଛି। ବିଭିନ୍ନ ପ୍ରଜାତିର ବନ୍ୟପ୍ରାଣୀ, ସରୀସୃପ, ବିରଳ ପକ୍ଷୀ ଓ ଜୈବ ବିବିଧତା ପାଇଁ ଶିମିଳିପାଳ ମଧ୍ୟ ସାରା ବିଶ୍ୱରେ ବିଖ୍ୟାତ। ତେବେ ଏହାକୁ ଜାତୀୟ ଉଦ୍ୟାନ ଘୋଷଣା କରିବା ଯୋଜନା କେବଳ କଥାରେ ହିଁ ଅଟକି ରହିଛି।

ଉଲ୍ଲେଖନୀୟ ଯେ, ବର୍ଷା ଋତୁ ଏହି ଅଭୟାରଣ୍ୟ ବୁଲିବା ନିରାପଦ ହୋଇ ନ ଥିବାରୁ ଏହାକୁ ଜୁନ ୧୬ ତାରିଖ ସକାଳଠାରୁ ପ୍ରାୟ ସାଢେ ୪ ମାସ ବନ୍ଦ ରଖାଯାଇଥାଏ। । ପୁଣି ନଭେମ୍ବର ପହିଲାରେ

### ନଭେମ୍ବର ପହିଲାରେ ଖୋଲିବ

ଶିମିଳିପାଳ ଅତିଥି ପର୍ଯ୍ୟଟକଙ୍କୁ ସ୍ୱାଗତ କରିଥାଏ। ଶିମିଳିପାଳ ଅଭୟାରଣ୍ୟ ଦକ୍ଷିଣରେ ଉଦଳାଠାରୁ ଉତ୍ତରରେ ବିଶୋଇ ପର୍ଯ୍ୟନ୍ତ ପରିବ୍ୟାପ୍ତ। ସେହିପରି ଦକ୍ଷିଣ ପୂର୍ବଦିଗରେ ବାରିପଦା ଓ ଉତ୍ତର ପଶ୍ଚିମ ଦିଗରେ ଯଶିପୁର ପର୍ଯ୍ୟନ୍ତ ଏହା ବ୍ୟାପିଛି। ୨୭୫୦ ବର୍ଗ କି.ମି. ପରିବ୍ୟାପ୍ତ ଏହି ଅଞ୍ଚଳକୁ ରାଜ୍ୟ ସରକାର ୧୯୭୩ରେ ଅଭୟାରଣ୍ୟ ଘୋଷଣା କରିଥିଲେ। ୧୯୮୦ରେ ଓଡ଼ିଶା ସରକାର ଏହି ଅଞ୍ଚଳ ମଧ୍ୟରୁ ୩୦୩ ବର୍ଗ କି.ମି. କୁ ଜାତୀୟ ଉଦ୍ୟାନରେ ପରିଣତ କରିବା ଲାଗି କେନ୍ଦ୍ରକୁ ପ୍ରସ୍ତାବ ଦେଇଥିଲେ। ୧୯୮୬ରେ ଏହାର ଆୟତନ ୮୪୫ ବର୍ଗ କି.ମି.କୁ ପରିବର୍ଦ୍ଧିତ କରାଯାଇଥିଲା। କିନ୍ତୁ ଅଭୟାରଣ୍ୟ ଭିତରେ ଜନବସତି ଥିବା ଯୋଗୁଁ ପ୍ରସ୍ତାବିତ ଜାତିୟ ଉଦ୍ୟାନ କେବଳ ଯୋଜନାରେ ସୀମୀତ ହୋଇ ରହିଛି।

### ନବବଧୂଙ୍କୁ ବିଷ ପିଆଇ ହତ୍ୟା: ସ୍ୱାମୀ, ଶାଶୁ, ଶ୍ୱଶୁର ଗିରଫ

**ରଣପୁର, ୧୫।୬(ସ୍ୱ.ପ୍ର.)**

ଗଣପର୍ବ ରଜକୁ ଝିଅ ବୋହୂମାନେ ଆନନ୍ଦ ଉଲ୍ଲାସରେ ପାଳନ କରୁଥିବାବେଳେ ନୟାଗଡ ଜିଲା ରଣପୁର ଥାନା ଅଞ୍ଚଳରେ ପହିଲି ରଜରେ ଜଣେ ନବବଧୂଙ୍କୁ ଶାଶୁଘର ଲୋକେ ବିଷ ପିଆଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ମହିଳାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ଗିରଫ କରିଛି। ନବବଧୂ ଗତ ଚାରି ମାସ ତଳେ ପ୍ରେମ ବିବାହ କରିଥିଲେ। ମୃତକ ହେଲେ ରଣପୁର ଖଟିଆ ସାହିର ରବି ପ୍ରଧାନଙ୍କ ସାନ ଝିଅ ସସ୍ମିତା ପ୍ରଧାନ(୧୯)। ଏ ନେଇ ଝିଅର ମା'ରଣପୁର ଥାନାରେ ଶାଶୁଘର ଲୋକେ ଝିଅକୁ ବିଷ ପିଆଇ ହତ୍ୟା କରିଥିବା ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ ୧୩୨/୧୯ରେ ମାମଲା ରୁଜୁ କରଛି। ଶନିବାର ରଣପୁର ଥାନା ପୋଲିସ ଖବର ପାଇ ଭୁବନେଶ୍ୱରରୁ ଝିଅର ସ୍ୱାମୀ ରମେଶ ପ୍ରଧାନ, ଶ୍ୱଶୁର ଭିକାରୀ ପ୍ରଧାନ, ଶାଶୁ ଭୂତି ପ୍ରଧାନଙ୍କୁ ଗିରଫ କରିଛି।

# ମହିଳାଙ୍କୁ ଅପହରଣ, ଲୁଟ୍ ପରେ ଫିଙ୍ଗିଦେଲେ

**କଟକ ଅଫିସ,୧୫।୬**

■ଜଙ୍ଗଲରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର
■ଆଖୁ ରସ ପିଇବା ପରେ ଚେତା ହରାଇଥିଲେ
■ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି

ଜଣେ ମହିଳାଙ୍କୁ କଟକରୁ ଅପହରଣ କରି ନେଇଥିଲେ ଦୁର୍ବୃତ୍ତ। ସେ ପିନ୍ଧିଥିବା ଅଳଙ୍କାର ଲୁଟି ନେବା ପରେ ତାଙ୍କୁ ଆଠଗଡ ଥାନା ଅନ୍ତର୍ଗତ ମେଘା କଣ୍ଟାପଦା ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ଜଣେ ଟ୍ରାକ୍ଟର ଚାଳକ ଉକ୍ତ ମହିଳାଙ୍କୁ ମୁମୂର୍ଷୁ ଅବସ୍ଥାରେ ଶୁକ୍ରବାର ରାତି ପ୍ରାୟ ୩ଟାରେ ଉଦ୍ଧାର କରିବା ପରେ ପରିବାର ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଘଟଣା ସଂକ୍ରାନ୍ତରେ ମହିଳାଙ୍କ ସ୍ୱାମୀ ବିଡାନାସୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ମହିଳା ଜଣକ ହେଉଛନ୍ତି ବିଡାନାସୀ ଥାନା ଅନ୍ତର୍ଗତ ସତୀଚୌରା ଅଞ୍ଚଳର କୈଳାସ ସାହୁଙ୍କ ସ୍ତ୍ରୀ ସଂଯୁକ୍ତା। କୈଳାସଙ୍କ କହିବାନୁସାରେ, ତାଙ୍କ ଘରେ ଏକ ଦମ୍ପତି ଭଡ଼ାରେ ରହୁଥିଲେ। କିଛି ମାସ ତଳେ ସେମାନେ ଘର ଭଡ଼ା ଓ ତାଙ୍କଠାରୁ ଉଧାର ନେଇଥିବା ୨୦ହଜାର ଟଙ୍କା ନ ଦେଇ ପଳାଇଥିଲେ। ଏହାର କିଛିଦିନ ପରେ ଅନ୍ୟ ଜଣେ ଦମ୍ପତି ତାଙ୍କ ଘରକୁ ଆସି ସ୍ତ୍ରୀ ସଂଯୁକ୍ତାଙ୍କ ସହ ସମ୍ପର୍କ ଯୋଡ଼ିଥିଲେ। ସେମାନେ ଧବଳେଶ୍ୱର ଅଞ୍ଚଳରେ ରହୁଥିବା ଜଣେ ବାବାଙ୍କ ସମ୍ପର୍କରେ ଜଣାଇବା ସହ ସେ ଚାହିଁଲେ ଘରଭଡ଼ା ଓ ଉଦ୍ଧାର ଦେଇଥିବା ଟଙ୍କା ଫେରିପାରିବେ ବୋଲି ସଂଯୁକ୍ତାଙ୍କୁ କହି ବିଶ୍ୱାସ ଜନ୍ମାଇଥିଲେ। ଶୁକ୍ରବାର ମଧ୍ୟାହ୍ନରେ ଉକ୍ତ ଦମ୍ପତି ସହ ଅନ୍ୟ ଜଣେ ମହିଳା ଏବଂ ଜଣେ ବ୍ୟକ୍ତି ଏକ ଅଟୋରେ ତାଙ୍କ ଘର ନିକଟରେ ପହଞ୍ଚିଥିଲେ। ସଂଯୁକ୍ତା ସେମାନଙ୍କ ସହ ଅଟୋରେ ଯାଇଥିଲେ। ଅପରାହ୍ନ ୩ଟା ପର୍ଯ୍ୟନ୍ତ ସଂଯୁକ୍ତା ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କ ମୋବାଇଲ୍ ଫୋନ୍‌କୁ କଲ କରିଥିଲେ ମଧ୍ୟ ତାହା ବନ୍ଦ ଥିଲା। ଚାରିଆଡ଼େ ଖୋଜାଖୋଜି ପରେ ସଂଯୁକ୍ତାଙ୍କ ସମ୍ପର୍କରେ କିଛି ବି ଖୋଜଖବର ମିଳିପାରି ନ ଥିଲା। ଶନିବାର ସକାଳୁ ମହିଳା ଜଣକ ଆଠଗଡ ଅଞ୍ଚଳରୁ ଉଦ୍ଧାର ହୋଇଥିବା ନେଇ ତାଙ୍କ ନିକଟକୁ ଏକ ଫୋନ୍ କଲ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ଜଣକ ନିଜକୁ ଜଣେ ଟ୍ରାକ୍ଟର ଚାଳକ ବୋଲି ପରିଚୟ ଦେବା ସହ ସଂଯୁକ୍ତାଙ୍କୁ କଣ୍ଟାପଦା ଜଙ୍ଗଲରୁ ଉଦ୍ଧାର କରିଥିଲେ ଜଣାଇଥିଲେ। ମାଟି ଆଣିବାକୁ ଗାଡ଼ି ନେଇ ଯାଉଥିବାବେଳେ ସଂଯୁକ୍ତା ପାଣି ପାଣି ବୋଲି ଚିତ୍କାର କରୁଥିବା ଶୁଣି ସେ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିବା କହିଥିଲେ। ପରେ ସଂଯୁକ୍ତା ଘରେ ପହଞ୍ଚି ଘଟଣା ସଂକ୍ରାନ୍ତରେ କହିଥିଲେ। ଅଟୋରେ ଥିବା ମହିଳା ଓ ଅନ୍ୟମାନେ ତାଙ୍କୁ କିଛି ବାଟ ଯିବା ପରେ ଆଖୁ ରସ ପିଇବାକୁ ଦେଇଥିଲେ। ହେଲେ ସେମାନେ ଉପବାସ କରିଥିବା କହି ପିଇ ନ ଥିଲେ। ଆଖୁ ରସ ପିଇବାର କିଛି ସମୟ ପରେ ସେ ଚେତା ହରାଇଥିଲେ। ଆଖି ଖୋଲିଲାବେଳକୁ ସେ ଜଙ୍ଗଲରେ ପଡିଥିଲେ। ପିନ୍ଧିଥିବା ସୁନା ଚେନ୍, ସୁନା ଚୁଡ଼ି, ସୁନା କାନଫୁଲ କିଛି ନ ଥିଲା। ତେବେ ଏନେଇ ଅଭିଯୋଗ ପରେ ପୋଲିସ ମହିଳାଙ୍କ ସହ ଅଟୋରେ ଯାଇଥିବା ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ପିକ୍‌ଅପ୍ ଭ୍ୟାନ୍ ଜବତ:୧୮ ଗୋରୁ ଉଦ୍ଧାର

**କଟକ ଅଫିସ,୧୫।୬**

ବାଦାମବାଡି ଥାନା ଅନ୍ତର୍ଗତ ଅରୁଣୋଦୟ ନଗର ଅଞ୍ଚଳରୁ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ପୋଲିସ ଜବତ କରିଛି। ପରେ ସେଥିରେ ଥିବା ୧୮ ଗୋରୁଙ୍କୁ ଉଦ୍ଧାର କରି ଚୌଦ୍ୱାରସ୍ଥିତ ଗୋଶାଳାକୁ ପଠାଇଦେଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୨୯/୧୯) ରୁଜୁ କରିଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ସାଢେ ୧ଟାରେ ଉକ୍ତ ଭ୍ୟାନ୍(ନଂ. ଓଡି୦୫ଏମ୍-୨୯୧୧)ଟି ମଧୁପାଟଣାରୁ ବାଦାମବାଡି ଆସୁଥିଲା। ସ୍ଥାନୀୟ ଯୁବକ ଦେଖି ଗାଡିକୁ ପିଛା କରିବାରୁ ଚାଳକ ଜଣଙ୍କ ଦ୍ରୁତଗତିରେ ଆସି ଏକ କାରକୁ ଧକ୍କା ଦେଇଥିଲେ। ଏହାପରେ ଚାଳକ ଗାଡି ଛାଡି ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଭ୍ୟାନ୍‌କୁ ଜବତ କରିବା ସହ ଗୋରୁଙ୍କୁ ଉଦ୍ଧାର କରିଥିଲା।

# ଯାତ୍ରୀ ଗୁମାସ୍ତାଙ୍କୁ ବୋମାମାଡ଼

**ପୁରୀ ଅଫିସ,୧୫।୬**

## ପୂର୍ବ ଶତ୍ରୁତା ସନ୍ଦେହ



ଆହତ ଶିବରାମ ପାତ୍ର।

ପୁରୀ ସହରରେ ଜଣେ ଯାତ୍ରୀ ଗୁମାସ୍ତାଙ୍କୁ ବୋମାମାଡ଼ ହୋଇଛି। ବାସେଳି ସାହି ଥାନା ଅଧୀନ ପଣାପ୍ରିୟା ଲେନ୍‌ଠାରେ ଶନିବାର ଅପରାହ୍ନ ପ୍ରାୟ ସାଢେ ୧ଟାରେ ଏହି ଘଟଣା ଘଟିଛି। ବୋମାମାଡ଼ର ଶିକାର ହୋଇଥିବା ଗୁମାସ୍ତା ହେଲେ ଶିବରାମ ପାତ୍ର (୨୨)। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

ସୂଚନା ଅନୁଯାୟୀ, ଶିବରାମ ନିଜ ଘର ପାଖରେ ସାଙ୍ଗ କିରନ ଦାସଙ୍କ ସହିତ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଦୁଇଟି ବାଇକ୍‌ରେ ୪ଜଣ ବ୍ୟକ୍ତି ଆସି ହଠାତ୍ ଶିବରାମଙ୍କ ଉପରକୁ ବୋମାମାଡ଼ କରିଥିଲେ। ବୋମାମାଡ଼ ଶବ୍ଦରେ ଉକ୍ତ ଅଞ୍ଚଳ ଥରି ଉଠିଥିଲା। ଭୟରେ କିରନ ସେଠାରୁ ଦୌଡ଼ି ପଳାଇ ଯାଇଥିଲେ। ତେବେ ଶିବରାମଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ସହ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ଥାନାଧିକାରୀ ଗୋକୁଳ ରଞ୍ଜନ ଦାଶ କହିଛନ୍ତି, ପୋଲିସ ଘଟଣାସ୍ଥଳ ଅନୁଧ୍ୟାନ କରିଛି। ଏ ନେଇ ତଦନ୍ତ ଜାରିରହିଛି।

# ଅଶାନ୍ତ ହୋଇପଡ଼ିଛି ଶ୍ରୀକ୍ଷେତ୍ର

ସ୍ନାନଯାତ୍ରା ଓ ରଥଯାତ୍ରା ପାଇଁ ପୋଲିସ ପ୍ରଶାସନ ବ୍ୟସ୍ତ ଥିବାବେଳେ ଶ୍ରୀକ୍ଷେତ୍ରରେ ଅପରାଧ ଘଟିଚାଲିଛି। କିଛିଦିନ ତଳେ କୁମ୍ଭାରପଡ଼ା ଥାନା ଅଧୀନ ବାଲିସାହି ଉପର ବସ୍ତିରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଶୁକ୍ରବାର ଟାଉନ ଥାନା ଅଧୀନ ଚୁଡ଼ଙ୍ଗ ସାହିରେ ଜଣେ ଯୁବକଙ୍କୁ ଇଟାରେ ଛେଚି ହତ୍ୟା କରାଯାଇଥିଲା। ଶନିବାର ସ୍ପଷ୍ଟ ଦିବାଲୋକରେ ବାସେଳି ସାହି ଥାନା ଅଧୀନ ପଣାପ୍ରିୟା ଲେନ୍‌ଠାରେ ବୋମାମାଡ଼ ହୋଇଛି। ସେହିପରି ଲୁଟେରାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଭିଆଇପି ରୋଡ଼, ବେଳାଭୂମି ମାର୍ଗରେ ଛିନତାଇ ବଢିବାରେ ଲାଗିଛି। ଏସବୁ ଘଟଣାରୁ ଶ୍ରୀକ୍ଷେତ୍ର ଏବେ ଅଶାନ୍ତ ହୋଇପଡ଼ିଥିବା ସହଜେ ସ୍ପଷ୍ଟ। ଏଥିଯୋଗୁ ସହରବାସୀଙ୍କ ସମେତ ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଏସ୍‌ପି ଉମାଶଙ୍କର ଦାସ କହିଛନ୍ତି, ରଥଯାତ୍ରାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅପରାଧ ନିୟନ୍ତ୍ରଣ ଲାଗି ଉଦ୍ୟମ ଜାରି ରହିଛି। ସମସ୍ତ ଥାନାକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।






# ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

**କଟକ ଅଫିସ,୧୫।୬**

ଜଗତ୍‌ପୁର ଥାନା ଅଧୀନ ଗୟାନନା ଛକ ନିକଟରୁ ଶନିବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ତାଙ୍କ ପରିଚୟ ଜଣାପଡି ନ ଥିବାବେଳେ ବୟସ ପ୍ରାୟ ୨୫ ବର୍ଷ ମଧ୍ୟରେ ହେବ ବୋଲିଅନୁମାନ କରାଯାଉଛି। ଉକ୍ତ ଛକରେ ଥିବା ଦୁଇଟି କ୍ୟାବିନ୍ କନ୍ଦିରେ ସମ୍ପୃକ୍ତ ଯୁବକ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲ ପଠାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଯୁବକଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ କଥା ଶୁଣିବାକୁ ମିଳୁଛି। କେହି ଏହାକୁ ବିଷାକ୍ତ ମଦମୃତ୍ୟୁ ଜନିତ କହୁଥିବାବେଳେ ଆଉ କେତେକ ଲୋକେ ଏହାକୁ ଅଂଶୁଘାତଜନିତ ମୃତ୍ୟୁ ବୋଲି କହୁଛନ୍ତି। ହେଲେ ଯୁବକଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ସ୍ପଷ୍ଟ ହେବ ବୋଲି ଜଗତ୍‌ପୁର ଥାନା ଅଧିକାରୀ ପ୍ରଦୀପ୍ତ କିଶୋର ନାୟକ କହିଛନ୍ତି।

# ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**କଟକ ସଦର, ୧୫।୬(ଡି.ଏନ୍.ଏ.)**

କଟକ-ପାରାଦୀପ ରାସ୍ତାର ପାରାବିଲ ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅନ୍ତର୍ଗତ କରାମ ଗ୍ରାମର ସିଦ୍ଧାନ୍ତ ମହାପାତ୍ର(୧୯)। ସୂଚନା ଅନୁଯାୟୀ, ସିଦ୍ଧାନ୍ତ ଏକ ବାଇକ୍‌ରେ ଗୋରଖନାଥ ଦର୍ଶନ କରିବାକୁ ଯାଉଥିଲେ। ଗାଡି ସହ ସିଦ୍ଧାନ୍ତ ରାସ୍ତା କଡରେ ପଡିଥିବା ଖବରପାଇ ପରିବାରଲୋକେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ରିପୋର୍ଟ ଲେଖା ହେବା ବେଳକୁ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।











# ଗାଁ ଦାଣ୍ଡରୁ ଯୁବତୀଙ୍କୁ ଅପହରଣ: ଥାନାରେ ଅଭିଯୋଗ କଲେ ମା'

**ଗୋପ, ୧୫।୬(ଡି.ଏନ୍.ଏ.):** ଗୋପ ବ୍ଲକ ନୟାହାଟ ଫାଣ୍ଡି ଅଧୀନ ଏକ ଗ୍ରାମର ଜନୈକ ୨୨ ବର୍ଷିଆ ଯୁବତୀ ତାଙ୍କ ମା'ଙ୍କ ସଙ୍ଗେ ଶୁକ୍ରବାର ମଧ୍ୟାହ୍ନରେ ଘରକୁ ଫେରୁଥିବାବେଳେ କେତେଜଣ ଯୁବକ ତାଙ୍କୁ ଅପହରଣ କରିଥିବା ମା' ଶନିବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଯୁବତୀଙ୍କ ସମ୍ପର୍କରେ କୌଣସି ସୁରାକ ପାଇନାହିଁ। ପ୍ରକାଶ ଯେ, କିଛିଦିନ ପୂର୍ବରୁ ଯୁବତୀ ରହୁଥିବା ଗ୍ରାମର ଜଣେ ଯୁବକଙ୍କ ସହ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଯୁବକ ଜଣଙ୍କ ଯୁବତୀକୁ ଜୋର ଜବରଦସ୍ତ ଉଠାଇନେବ ବୋଲି ଧମକ ଦେଇଥିଲେ। ଶୁକ୍ରବାର ଯୁବତୀ ମା'ଙ୍କ ସହ ଘରକୁ ଫେରୁଥିବା ସମୟରେ ପୂର୍ବରୁ ଜଗି ରହିଥିବା ସେହି ଯୁବକ ଏବଂ ତାଙ୍କ ସହଯୋଗୀମାନେ ଯୁବତୀଙ୍କୁ ବଳପୂର୍ବକ ଉଠାଇନେଇଥିଲେ। ଖୁବ୍ ଶୀଘ୍ର ଯୁବତୀଙ୍କୁ ଠାବ କରାଯିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ଦିଲୀପ୍ କୁମାର ସ୍ୱାଇଁ କହିଛନ୍ତି।

# ଗ୍ୟାସ୍ ଟ୍ୟାଙ୍କର ଧକ୍କାରେ ଭାଙ୍ଗିଲା ୨ କାର

**ଚୌଦ୍ୱାର,୧୫।୬(ଡି.ଏନ୍.ଏ.):** ୫୫ନଂ. ଜାତୀୟ ରାଜପଥର ଓଟିଏମ୍ ବଜାରରେ ଏକ ଗ୍ୟାସ୍ ଟ୍ୟାଙ୍କର ଗାଡ଼ି ଭାରସାମ୍ୟ ହରାଇ ଏକ କାର ଗ୍ୟାରେଜରେ ଧକ୍କା ହେବା ସହ ୨ଟି କାର ଭାଙ୍ଗିରୁଜି ଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଶନିବାର ଭୋରରୁ ଏକ ଗ୍ୟାସ ଟ୍ୟାଙ୍କର(ଏମ୍‌ଏଲ୍ ୦୧ଏଲ ୦୪୫୯୨) ଗାଡ଼ିକୁ ବୁଲାଇବା ବେଳେ ଡ୍ରାଇଭରଙ୍କ ଅସାବଧାନତା ହେତୁ ଗାଡ଼ି ତଳକୁ ଗଡ଼ିଯାଇ ରାସ୍ତା ତଳେ ଥିବା ଡା. ପିତାମ୍ବର ରାଉତଙ୍କ ଗ୍ୟାରେଜରେ ଧକ୍କା ହୋଇଥିଲା। ଫଳରେ ଗ୍ୟାରେଜର ଫାଟକ ଭାଙ୍ଗିଯିବା ସହ ଦୁଇଟି କାର ମଧ୍ୟ ଭାଙ୍ଗି ଯାଇଥିଲା। ଅଭିଯୋଗପାଇ ଚୌଦ୍ୱାର ପୋଲିସ ଧକ୍କା ଦେଇଥିବା ଟ୍ୟାଙ୍କରକୁ ଜବତ କରି ଥାନାକୁ ଆଣିଥିବା ଜଣାପଡିଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳାଙ୍କ ମୃତ୍ୟୁ

ଚୌଦ୍ୱାର,୧୫।୬(ଡି.ଏନ୍.ଏ.): ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚୌଦ୍ୱାର ଥାନା ଟିପିଏମ୍ ଫାଣ୍ଡି ଅଧୀନ କଖଡ଼ି ଗ୍ରାମର ପ୍ରଭାସିନୀ ସୂତାରଙ୍କ ମୃତ୍ୟୁ ଘଟିଛି। ପୋଲିସ ସୂଚନା ଅନୁଯାୟୀ, ପ୍ରଭାସିନୀ ରଜ ସଂକ୍ରାନ୍ତି ଉପଲକ୍ଷେ ଶନିବାର ଘର ଲିପୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପ୍ରଭାସିନୀଙ୍କ ସ୍ୱାମୀ କେଦାରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୫/୧୯) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ଈଶ୍ୱର ନାମ ଆଗରେ ଜାତି ଧର୍ମର ବିଦ୍ୱେଷ ରହିବା ଉଚିତ୍ ନୁହେଁ।

- ଗୁରୁ ନାନକ



## ସଂକ୍ଷେପରେ

### ଭାରସାମ୍ୟ ହରାଇ ଓଲଟିଲା ବୋଲେରୋ: ଜଣେ ଗୁରୁତର

**ଆଠଗଡ, ୧୫।୬(ସ୍ୱ.ପ୍ର.):** ପୁରୁଣା କଟକ ସମ୍ବଲପୁର ରାସ୍ତାର ଆଠଗଡ ଥାନା ଅନ୍ତର୍ଗତ ନଡୁଆପଡା ବ୍ରିଜ୍ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇବାରୁ ଏକ ବୋଲେରୋ ଗାଡ଼ି ଓଲଟି ପଡିଛି। ଫଳରେ ଏହି ଥାନା ଅନ୍ତର୍ଗତ କନ୍ଦରପୁର ଗ୍ରାମର ଜଣେ ଗୁରୁତର ହୋଇଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି। ଗୁରୁତର ଜଣକ ହେଲେ ଅଜୟ ରଣା (୪୬)। ଖବରପାଇ ଆଠଗଡ ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିବା ବେଳେ ଗୁରତର ହୋଇଥିବା ରଣାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ଆହତମାନଙ୍କୁ ଛାଡ଼ି ଦିଆଯାଇଛି ବୋଲି ଉପଖଣ୍ଡ ଚିକିତ୍ସାଳୟ ସୂତ୍ରରୁ ପ୍ରକାଶ। ବୋଲେରୋ ଗାଡିରେ କନ୍ଦରପୁର ଗ୍ରାମର ୧୨ ଜଣ ଲୋକ ଆଠଗଡ ଆସୁଥିବା ବେଳେ ନଡୁଆପଡା ବ୍ରିଜ୍ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା।

### ଆନନ୍ଦ ଉଲ୍ଲାସରେ ରଜ ପାଳିତ



**ସାଲେପୁର,୧୫।୬(ଡି.ଏନ୍.ଏ):** ସାଲେପୁର ବ୍ଲକରେ ରଜ ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସାହିବସ୍ତିରେ ଲୋକମାନେ ମିଳିମିଶି ଦୋଳି ବାନ୍ଧି ଦୋଳିରେ ଝୁଲିଥିଲେ। ବିଶେଷ କରି ମନୋହରପୁର ନୃସିଂହନାଥ ମନ୍ଦିର ପରିସର ସମେତ ବୋଦାମୁଣ୍ଡାଇସ୍ଥିତ କଦମବିହାରୀ ପଡ଼ିଆ, ଶନିମନ୍ଦିର ନିକଟସ୍ଥ ଗ୍ରାମ, ଜଳହରି, ଛାଣିପୁର, ଗୋପୀନାଥପୁର ସମେତ ବିଭିନ୍ନ ସ୍ଥାନରେ ରଜ ମହୋତ୍ସବ ପାଳିତ ହୋଇଛି। ମହନାପୁରସ୍ଥିତ ମା'କାଳୀ ମନ୍ଦିର, ଭାତପଡ଼ାସ୍ଥିତ ଦକ୍ଷିଣକବାଟୀ ମନ୍ଦିର ଓ ତେନ୍ତୋଳସ୍ଥିତ ଠାକୁରଙ୍କ ପୀଠରେ ରଜ ପର୍ବ ପାଇଁ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ବିଭିନ୍ନ ଗ୍ରାମର ଝିଅବୋହୂମାନେ ସକାଳୁ ଉଠି ସ୍ନାନ କରି ନୂଆ ପୋଷାକ ଓ ଶାଢ଼ି ପରିଧାନ କରିବା ସହ ରଜ ପିଠା ପ୍ରସ୍ତୁତ କରି ପରିବାର ଲୋକଙ୍କୁ ଖୁଆଇଥିଲେ। ରଜ ଉପଲକ୍ଷେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

### ବ୍ୟାଟେରି ଚୋରି ଅଭିଯୋଗ: ୪ ଗିରଫ



**ମାହାଙ୍ଗା,୧୫।୬(ସ୍ୱ.ପ୍ର.):** ମାହାଙ୍ଗା ଥାନା ଅନ୍ତର୍ଗତ ଇଡୁକୁରା ଗ୍ରାମର ୪ ଜଣ ଯୁବକଙ୍କୁ ବ୍ୟାଟେରି ଚୋରି ଅଭିଯୋଗରେ ଶନିବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଏହି ଗ୍ରାମର ଦୀପକ ସେଠୀ(୨୨), ମଦନମୋହନ ସେଠୀ(୩୦), ଦସୁ ସେଠୀ(୨୧) ଓ ରାଜକିଶୋର ସେଠୀ (୨୫) ବିଭିନ୍ନ ସ୍ଥାନରୁ ୪ ବ୍ୟାଟେରି ଚୋରି କରି ନିଜ ଘରେ ରଖିଥିଲେ। କୌଣସି ସୂତ୍ରରୁ ଖବରପାଇ ମାହାଙ୍ଗା ଥାନା ଏଏସଆଇ ପ୍ରଦୀପ କୁମାର ତ୍ରିପାଠୀ ସଦଳବଳେ ଏହି ଯୁବକମାନଙ୍କ ଘର ଉପରେ ଚଢାଉ କରି ବ୍ୟାଟେରି ଗୁଡିକୁ ଜବତ କରିଥିଲେ। ଏନେଇ ପୋଲିସ ପକ୍ଷରୁ ଥାନାରେ ମାମଲା (ନଂ- ୧୦୩/୧୯)ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି।

# ପୁରଣ ଗ୍ରାମରେ ଗୋଷ୍ଠୀସଂଘର୍ଷ

## ■ ଦୁଇ ପକ୍ଷରୁ ଥାନାରେ ଅଭିଯୋଗ, ଜଣେ ଗିରଫ

**■ଠେଙ୍ଗା, ଲୁହା ରଡ୍‌ରେ ଆକ୍ରମଣ**
**■ଗ୍ରାମରେ ଚାପା ଉତ୍ତେଜନା**

**ସାଲେପୁର, ୧୫।୬(ଡି.ଏନ୍.ଏ.)**

ସାଲେପୁର ଥାନା ଅଧୀନ ମହଣ ପଞ୍ଚାୟତ ଅନ୍ତର୍ଗତ ପୁରଣ ଗ୍ରାମରେ ଶୁକ୍ରବାର ରାତିରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଗ୍ରାମର ମନୋଜ ବିଶ୍ୱାଳ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ମନୋଜଙ୍କ ସ୍ତ୍ରୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏହାକୁ ଭିତ୍ତି କରି ପୋଲିସ ପକ୍ଷରୁ ଥାନାରେ ମାମଲା (ନଂ-୧୪୩/୧୯)ରୁଜୁ କରାଯାଇ ଅଭିଯୁକ୍ତ ଅମୀୟ ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଅଭିଯୋଗ ଅନୁଯାୟୀ, ପୁରଣ ଗ୍ରାମର ଅମୀୟ, ସୂର୍ଯ୍ୟନାରାୟଣ ବିଶ୍ୱାଳ, ଶିବନାରାୟଣ ବିଶ୍ୱାଳ, ଜ୍ୟୋର୍ତିମତୀ ବିଶ୍ୱାଳ ୨ଟି ବାଇକ୍‌ରେ ଶୁକ୍ରବାର ରାତିରେ ମନୋଜଙ୍କ ଘର ସମ୍ମୁଖକୁ ଯାଇ ବଡପାଟିରେ ଗାଳିଗୁଲଜ କରିଥିଲେ। ଏହାଶୁଣି ସେ ବାହାରକୁ ଆସିବାରୁ ଅମୀୟ ତାଙ୍କ ସହଯୋଗୀମାନେ ମନୋଜଙ୍କୁ ଠେଙ୍ଗା ଓ ଲୁହାରଡ୍‌ରେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ।

ଏହି ସମୟରେ ମନୋଜଙ୍କ ସ୍ତ୍ରୀ ବାହାରକୁ ଆସିବାରୁ ତାଙ୍କୁ ମଧ୍ୟ ଉତ୍ତ୍ୟକ୍ତ ଯୁବକମାନେ ଦୁର୍ବ୍ୟବହାର କରିଥିଲେ। ପାଟିତୁଣ୍ଡ ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବାରୁ ଯୁବକମାନେ ସେଠାରୁ ପଳାଇଯାଇଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ମନୋଜଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅପରପକ୍ଷେ ଅମୀୟଙ୍କ ପକ୍ଷରୁ ମନୋଜ ଓ ଅନ୍ୟମାନଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ ହୋଇଛି। ଏନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ସାଲେପୁର ଥାନା ଅଧିକାରୀ ଦେବେନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ଦେବସ୍ନାନ ଯାତ୍ରା ପାଇଁ ପଦ୍ମବନ ପୀଠ ଚଳଚଞ୍ଚଳ

**ନେମାଳ, ୧୫।୬(ଡି.ଏନ୍.ଏ.)**



ମହାପୁରୁଷ ଅଚ୍ୟୁତାନନ୍ଦ।

ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପବିତ୍ର ନିର୍ବିକଳ୍ପ ଶୂନ୍ୟ ସମାଧି ଦିବସ ଓ ଦେବସ୍ନାନ ଯାତ୍ରା ପାଇଁ ନେମାଳ ପଦ୍ମବନ ପୀଠ ଚଳଚଞ୍ଚଳ ହୋଇଉଠିଛି। ଆସନ୍ତା ୧୭ରେ ହେବାକୁ ଥିବା ଏହି ଉତ୍ସବରେ ବହୁ ସାଧୁ ଓ ଭକ୍ତ ଯୋଦେବାର କାର୍ଯ୍ୟକ୍ରମ ରହିଛି। ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବାରିକେଟ ବ୍ୟବସ୍ଥା କରାଯାଇଥିବା ବେଳେ ଆଇନଶୃଙ୍ଖଳା ଓ ଅପରାଧ ନିୟନ୍ତ୍ରଣ ପାଇଁ ଜିଲା ପୋଲିସ ପକ୍ଷରୁ ୪ ପ୍ଲାଟୁନରୁ ପୋଲିସ ଫୋର୍ସ ମୁତୟନ କରିବା ଲାଗି ଯୋଜନା କରାଯାଇଛି। ଟ୍ରାଫିକ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇ ପୀଠ ନିକଟରୁ ୫୦୦ ମିଟର ଦୂରରେ ଯାନବାହନ ରହଣୀ ପାଇଁ ଜାଗା ଚିହ୍ନଟ କରାଯାଇଛି। ପୀଠରେ ଅପରାଧ ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ସିସି ଟିଭି ଓ ଡ୍ରୋନ କ୍ୟାମେରା ଲଗାଯିବାର ବ୍ୟବସ୍ଥା ହୋଇଛି। ସେହିପରି ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଗମନାଗମନ ଉପରେ ଗୁରୁତ୍ୱ ଦିଆଯାଇ କାର୍ଯ୍ୟକ୍ରମ ଗୁଡିକୁ ତ୍ୱରାନ୍ୱିତ କରାଯାଇଛି। ଏହି ଅବସରରେ କନ୍ଦରପୁରସ୍ଥିତ ବାବା ବୈଭବାନନ୍ଦ ମହାରାଜ (ବାଉରୀ ବାବା)ଙ୍କ ପକ୍ଷରୁ ତିନି ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରାଯିବ। ଏଥିସହ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ ପରିସରରେ ଶ୍ରଦ୍ଧାଳୁଙ୍କ ପାଇଁ ମାଗଣା ପ୍ରସାଦ ବ୍ୟବସ୍ଥା କରାଯାଇଛି। ଦେବସ୍ନାନ ପୂର୍ଣ୍ଣିମା ଯାତ୍ରାଲାଗି ସେବାୟତମାନଙ୍କ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବହୁ ବରିଷ୍ଠ ଓ ଯୁବ ସେବାୟତମାନେ ଯୋଗଦେଇଥିଲେ।

## ■ ମେଧା ସମ୍ମାନ ସମାରୋହ

# ଭଲ ମଣିଷ ହେବା ପାଇଁ ଆହ୍ୱାନ

**ବାଙ୍କୀ,୧୫।୬(ବି.ପ୍ର.)**



କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ସ୍ଥାନୀୟ ଡମପଡାଗଡଠାରେ ଶୁକ୍ରବାର ସନ୍ଧ୍ୟାରେ ମେଧା ସମ୍ମାନ ସମାରୋହ-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଡମପଡାଗଡର ଦଶଦୋଳ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଡମପଡା ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଶତକଡା ୭୦ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା। ଦଶଦୋଳ କମିଟିର ସଭାପତି ଭବାନୀ ପ୍ରସାଦ ଧଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡାକ୍ତର ପ୍ରଫୁଲ୍ଲ କୁମାର ମିଶ୍ର, ମୁଖ୍ୟବକ୍ତା ଶିକ୍ଷାବିତ୍ କାହ୍ନୁଚରଣ ସାହୁ, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଦେବେନ୍ଦ୍ର ଧଳସାମନ୍ତ, ସମିତିସଭ୍ୟ ପ୍ରଶାନ୍ତ କୁମାର ମହାନ୍ତି, ଶିକ୍ଷାବିତ୍ କାହ୍ନୁଚରଣ ସ୍ୱାଇଁ ଓ ଖବରଦାତା ଗୌରାଙ୍ଗ ବେହେରା ଯୋଗଦେଇଥିଲେ। ଏହି ଅବସରରେ ଭଲ ମଣିଷ ହେବାପାଇଁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଟିକନ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସହ ସମ୍ପାଦକ ସତ୍ୟବ୍ରତ ମିଶ୍ର ଉପସ୍ଥିତ ଥିଲେ। ମେଧା ସମ୍ମାନ ସମାରୋହରେ ଉପଦେଷ୍ଟା ବିଶ୍ୱମୋହନ କର କାର୍ଯ୍ୟକ୍ରମ ସଞ୍ଚାଳନ ଓ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଡମପଡାଗଡରୁ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଡମପଡାର ପାୟଲ ପ୍ରିୟଦର୍ଶିନୀ, କୁଶପଙ୍ଗି ହାଇସ୍କୁଲ ଛାତ୍ରୀ ଦୀପାଞ୍ଜଳି ବେଉରା, ଜଗନ ବେଉରା, ଅରାଚଣ୍ଡି ଉଚ୍ଚ ବିଦ୍ୟାପୀଠର ତନ୍ମନା ତନୁଶ୍ରୀ ମହାନ୍ତି, ରତିକାନ୍ତ ପରିଡାଙ୍କ ଭଳି ବହୁ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସେହିପରି ଜାତୀୟ ମେଧାବୃତ୍ତି ପାଇଥିବା ହେତୁ ପ୍ରିୟଦର୍ଶିନୀ ଦାସ, ଆଶିଷ ମିଶ୍ର, ଦେବସ୍ମିତା ଦାସ, ସ୍ନେହଲତା ଦଳେଇ ଓ ପ୍ରଜ୍ଞାପରମିତା ସାହୁ ପ୍ରମୁଖଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମେଧା ସମ୍ମାନ କାର୍ଯ୍ୟକ୍ରମରେ ନିରାକାର ସାମନ୍ତରାୟ, ଶଙ୍କର ବଳିଆରସିଂହ, କାଶୀନାଥ ରାଉତ, ସରୋଜ କୁମାର ବେହେରା, ପ୍ରଶାନ୍ତ ଦାସ, ଅରୁଣ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବିଶ୍ୱମୋହନ କର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କବି ସମ୍ରାଟ ଭଞ୍ଜ ଜୟନ୍ତୀ

**ମାହାଙ୍ଗା,୧୫।୬ (ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଗୋକନସ୍ଥିତ ଭଞ୍ଜ ମଣ୍ଡପରେ କବି ସମ୍ରାଟ ଭଞ୍ଜ ଜୟନ୍ତୀ, ରଜ ଉତ୍ସବ ଓ ମାହାଙ୍ଗା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ରୀୟ ସାଂସ୍କୃତିକ ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡ. କାର୍ତ୍ତିକେଶ୍ୱର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ଉଦ୍‌ଘାଟକ ଭାବେ ପୂର୍ବତନ ମନ୍ତ୍ରୀ ତଥା ସୁସାହିତ୍ୟିକ ସେକ୍ ମତଲୁବ ଅଲୀ ଯୋଗଦେଇ ରୀତିଯୁଗୀୟ କବି ସମ୍ରାଟଙ୍କର ରସସିକ୍ତ ଚମ୍ପୂ ଓ ଛନ୍ଦଯୁକ୍ତ ସାହିତ୍ୟ ସମ୍ଭାରର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ପାର୍ଥସାରଥି ଅଜୟ ବାରିକ ,ମୁଖ୍ୟ ବକ୍ତା ଭାବେ ଅନୁମ ମାର୍ଥା ଓ ସମ୍ମାନିତ ବକ୍ତା ଭାବେ ମନସ୍ୱିନୀ ମିଶ୍ର ଯୋଗଦେଇ ଭଞ୍ଜ ସାହିତ୍ୟ ସଂପର୍କରେ ଆଲୋଚନା କରିବା ସହ ହିନ୍ଦୁ ପରମ୍ପରାରେ ରଜ ଉତ୍ସବ ପାଳନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସଂସଦର ସଭାପତି ରବୀନ୍ଦ୍ର କୁମାର ସାହୁ ପ୍ରାରମ୍ଭିକ ସୂଚନା, ପଣ୍ଡିତ ପ୍ରଭାତ କର ଅତିଥି ପରିଚୟ ଓ ସାଧାରଣ ସମ୍ପାଦକ ନଳିନୀକାନ୍ତ ନାୟକ ବିବରଣୀ ପାଠ କରିଥିଲେ। ଆଡଭୋକେଟ ଦୀପକ ମହାନ୍ତି ମାନପତ୍ର ପାଠ କରିଥିଲେ। ଏହି ଅବସରରେ ଭଞ୍ଜ ସାହିତ୍ୟ ଗବେଷକ ପ୍ରଫେସର ଡ. ବାଉରୀବନ୍ଧୁ ସାହୁଙ୍କୁ ମର୍ଯ୍ୟାଦା ଜନକ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ୧୪ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ମାହାଙ୍ଗା ମେଧାଶ୍ରେଷ୍ଠ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସମ୍ପାଦକ ସଂଗ୍ରାମ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ।

# ମନ୍ଥନ ସାହିତ୍ୟ ସଂସଦର ବାର୍ଷିକୋତ୍ସବ



ମନ୍ଥନ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ନରସିଂହପୁର ୧୫।୬ (ଡି.ଏନ.ଏ.)**

ନରସିଂହପୁର ବ୍ଲକ ଅନ୍ତର୍ଗତ ସାଗରସ୍ଥିତ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ମନ୍ଥନ ସାହିତ୍ୟ ସଂସଦ ପକ୍ଷରୁ ଷଷ୍ଠ ବାର୍ଷିକ ଉତ୍ସବ ଏବଂ ବିଭିନ୍ନ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଡ.ଦେବାଶିଷ ଜେଠୀ, ମୁଖ୍ୟବକ୍ତାଭାବେ ଅଧ୍ୟାପକ ଡ.ପ୍ରଫୁଲ୍ଲ କୁମାର ସାହୁ, ସମ୍ମାନିତ ଅତିଥିଭାବେ କବି ଚନ୍ଦ୍ରମଣି ପ୍ରଧାନ, ଯୋଗଦେଇ ସାହିତ୍ୟର ଆବଶ୍ୟକତା ଓ କବିତା ପାଠର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ସଂସଦର ସଭାପତି ଡ.ପ୍ରକାଶ ଚନ୍ଦ୍ର ପଣ୍ଡା ପୌରୋହିତ୍ୟ କରିଥିଲେ। ସମ୍ପାଦକ ପ୍ରସନ୍ନ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ 'ସାଗର ମନ୍ଥନ' ପୁସ୍ତକ, କବିସାଗର ଫଗୁ ସାହୁଙ୍କ ଦ୍ୱାରା ଲିଖିତ ପୁସ୍ତକଗୁଡିକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଂସଦ ପକ୍ଷରୁ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀ ଏବଂ ତନ୍ତବୁଣାକାରମାନଙ୍କୁ ସଂସଦ ତରଫରୁ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବାର୍ଷିକ ଉତ୍ସବରେ ନରସିଂହପୁର ସାହିତ୍ୟ ସମାଜ ଏବଂ ନରସିଂହପୁର ସାହିତ୍ୟ ସଂସଦର ବହୁ ସଦସ୍ୟ ଯୋଗଦେଇଥିଲେ। ଶେଷରେ କବି ଦୁର୍ଯ୍ୟୋଧନ ବରାଳ, ବିଦ୍ୟାଧର ପଣ୍ଡା, ଚିନ୍ତାମଣି ପ୍ରଧାନ, ସୁବାସ ପ୍ରଧାନ, ସଦାନନ୍ଦ ପ୍ରଧାନ, କାଳନ୍ଦୀ ଚରଣ ମିଶ୍ର, ଫଗୁ ସାହୁ, କବି ଭଗବାନ ପଣ୍ଡା ଓ ଜୟନ୍ତୀ ରଥ ପ୍ରମୁଖ କବିତା ପାଠ କରିଥିଲେ।

# ରଜ ଭାଇଚାରା, ସଦ୍‌ଭାବନାର ଏକ ନିଦର୍ଶନ



ବାଉଁଶପୁଟ ରଜ ମହୋତ୍ସବରେ ମଞ୍ଚାସୀନ ଅତିଥି।

**ବାଙ୍କୀ,୧୫।୬(ବି.ପ୍ର.)**

ବାଙ୍କୀ ବ୍ଲକ ବାଉଁଶପୁଟ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ରଜ ମହୋତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ପଞ୍ଚାୟତ ରଜ ମହୋତ୍ସବ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଶୁକ୍ରବାର ଉଦ୍‌ଘାଟନୀ ଅବସରରେ କମିଟି ଆବାହକ ପିଣ୍ଟୁ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଉଁଶପୁଟ ଗ୍ରାମ କମିଟି ସଭାପତି ପ୍ରସନ୍ନ ପରିଡା, ପାଳପୁଟ ଗ୍ରାମ କମିଟି ସଭାପତି ଦିଲ୍ଲୀପ ପ୍ରଧାନ, ଖଜୁରୀପଦା କମିଟି ସଭାପତି ଗଗନ ବିହାରୀ ରାଉତ, ସମ୍ପାଦକ ପ୍ରତାପ ସେଠୀ, ସାମାଜିକ କର୍ମୀ ବିକ୍ରମ କେଶରୀ ସାମନ୍ତସିଂହାର ଓ ପତିତପାବନ ପଣ୍ଡା ପ୍ରମୁଖ ଯୋଗଦେଇ ପଞ୍ଚାୟତସ୍ତରୀୟ ରଜ ମହୋତ୍ସବ ଭାଇଚାରା ଓ ସଦ୍‌ଭାବନାର ଏକ ନିଦର୍ଶନ ବୋଲି କହିଥିଲେ। ସନ୍ଧ୍ୟାରେ ବାଙ୍କୀ କଳାକାରଙ୍କ ଦ୍ୱାରା ଲୋକପ୍ରିୟ ନାଟିକା ପେଟ୍‌ଏଣ୍ଡ ମେଡିସିନ୍ ପ୍ରଦର୍ଶିତ ହୋଇଥିଲା। ପରେ ଆଲବ୍ମ ତାରକା ଡି.ଏମ୍‌ଙ୍କ ସଂଯୋଜନାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ୩ ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହ ସଞ୍ଚାଳିତ କରିବା ପାଇଁ ସଭାପତି ପପୁନ ମନ୍ତ୍ରୀ ଓ ସମ୍ପାଦକ ସଦାଶିବ ପରିଡା ଅନୁରୋଧ କରିଛନ୍ତି।

# ବାଇକ ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

**ମାହାଙ୍ଗା,୧୫।୬(ସ୍ୱ.ପ୍ର.)**

ମାହାଙ୍ଗା-କଟିକଟା ପୂର୍ତ୍ତରାସ୍ତାର ଗୋକନଠାରେ ଶନିବାର ୨ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ମାହାଙ୍ଗା ଥାନା ଅନ୍ତର୍ଗତ କଉଡୁକୋଲା ଗ୍ରାମର ବଳଦେବ ଦାସଙ୍କ ପୁତ୍ର ଦେବାଶିଷ ଦାସ (୩୮)ଙ୍କ ମୃତ୍ୟୁ ଘଟିଥିବା ବେଳେ ଗୋକନ ଗ୍ରାମର ବାଦଲ ଜେନା ଓ ତାଙ୍କର ସାଙ୍ଗ ବିଶ୍ୱଜିତ ମଲ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦେବାଶିଷ ଏକ ବୁଲେଟ୍‌ରେ ଏରକଣା ବଜାରରୁ ନିଜ ଘରକୁ ଫେରୁଥିବାବେଳେ ବିପରୀତ ଦିଗରୁ ଏକ ବାଇକ୍‌ରେ ବାଦଲ ଓ ବିଶ୍ୱଜିତ ଆସୁଥିଲେ। ଗୋକନ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଉଭୟଙ୍କ ମଧ୍ୟରେ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦେବାଶିଷଙ୍କୁ ମୃତ ଘୋଷଣା କରିଥିଲେ।

# ପାଞ୍ଚଗାଁରେ ରଜ ମହୋତ୍ସବ

**ଟିଗିରିଆ, ୧୫।୬(ଡି.ଏନ୍.ଏ.)**

ଟିଗିରିଆ ବ୍ଲକ ସଦର ମହକୁମା ଅନ୍ତର୍ଗତ ପାଞ୍ଚଗାଁ ବଣିଆସାହିରେ ଜଗନ୍ନାଥ ଯୁବକ ସଂଘ ପକ୍ଷରୁ ଷଷ୍ଠ ବାର୍ଷିକ ରଜ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହା ୩ ଧରି ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। କ୍ଲବ ସଭାପତି ବାଳକୃଷ୍ଣ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଦଳେଇଙ୍କ ସହ ମୁଖ୍ୟବକ୍ତା ଭାବେ ପାଞ୍ଚଗାଁ ସଭାପତି ସରୋଜ କୁମାର ଦାଶ, ସମ୍ମାନିତ ଅତିଥିଭାବେ ଆଇନଜୀବୀ ରଘୁନାଥ ଦାଶ, ସାମାଜିକ କର୍ମୀ ସଞ୍ଜୟ କୁମାର ମଲ୍ଲିକ ଓ ବିଜୟାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଅର୍ଜୁନ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଉପସଭାପତି ସୁଜିତ୍ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



ରଜ ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ■ ରୁଚିକବାସିନୀ ମହୋତ୍ସବର ୨ୟ ସନ୍ଧ୍ୟା

# ରଜ ମହୋତ୍ସବ ବାଙ୍କୀର ମହାନ ପରମ୍ପରା

**ବାଙ୍କୀ,୧୫।୬(ସ୍ୱ.ପ୍ର)**



ରୁଚିକବାସିନୀ ମହୋତ୍ସବର ୨ୟ ସନ୍ଧ୍ୟାରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଙ୍କୀ ରୁଚିକ ବାସିନୀ ରଜ ମହୋତ୍ସବର ୨ୟ ସନ୍ଧ୍ୟାରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ, ରଜ ମହୋତ୍ସବ ବାଙ୍କୀର ମହାନ ପରମ୍ପରା। ମାଟିର ପର୍ବ ରଜକୁ ନେଇ ଗାଁ ଉତ୍ସବମୁଖର ହୋଇଉଠିଛି। କୃଷିଭିତ୍ତିକ ଏହି ପର୍ବର ମହତ୍ୱକୁ ଉଜ୍ଜୀବିତ କରିବା ପାଇଁ ସାମାଜିକ ସଂଗଠନଗୁଡିକ ଲାଗି ପଡିଛନ୍ତି। ମୁଖ୍ୟବକ୍ତାଭାବେ ଶିକ୍ଷାବିତ୍ ଡ.ନିରୋଦ କୁମାର ମନ୍ତ୍ରୀ ଯୋଗଦେଇ କହିଥିଲେ, ରଜ ମହୋତ୍ସବ ବାଙ୍କୀବାସୀଙ୍କୁ ଭାଇଚାରା ସମ୍ପର୍କରେ ବାନ୍ଧି ରଖିଛି। ଘରେ ଘରେ ମା'ଭଉଣୀମାନେ ପୋଡ ପିଠା ସହ ବିଭିନ୍ନ ରକମର ପିଠା କରି ସାହି ପଡିଶାରେ ବାଣ୍ଟି ସମ୍ପର୍କ ସ୍ଥାପନ କରିଥାନ୍ତି। ସମ୍ମାନିତ ଅତିଥିଭାବେ ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା, ପୂର୍ବତନ କାଉନସିଲର ସୌମେନ୍ଦ୍ର ମିଶ୍ର, ଖବରଦାତା ଗୌରାଙ୍ଗ ବେହେରା ଯୋଗଦେଇ ରଜମହୋତ୍ସବର ମହତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମହୋତ୍ସବର କାର୍ଯ୍ୟକାରୀ ସଭାପତି ତଥା ଡମପଡ଼ା କଲେଜ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ସାମଲ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଅଶୋକ ଗିରି ବିବରଣୀ ପାଠ କରିଥିଲେ। ଶିକ୍ଷକ ମନୋଜ କୁମାର ରାଉତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ନକୁଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହୋତ୍ସବ ତରଫରୁ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଈଶ୍ୱର ନାମ ଆଗରେ ଜାତି ଧର୍ମର ବିଦ୍ୱେଷ ରହିବା ଉଚିତ୍ ନୁହେଁ।
ଗୁରୁ ନାନକ



## ସଂକ୍ଷେପରେ

### ବରିଷ୍ଠ ନାଗରିକଙ୍କୁ ମାଡ଼ ଅଭିଯୋଗ

**ଖୁଣ୍ଟୁଣୀ,୧୫।୬(ଡି.ଏନ୍.ଏ.):** ଗୁରୁଡିଝାଟିଆ ଥାନା ଅଧୀନ କପୁର ସିଂ ଗ୍ରାମର ବରିଷ୍ଠ ନାଗରିକ ସୁଦର ଘଡେଇଙ୍କୁ ଉକ୍ତ ଗ୍ରାମର ତପୁ ଘଡେଇ ନାମକ ଯୁବକ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଶନିବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୫୬/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କପୁର ସିଂ ଗ୍ରାମର ସୁଦର ଶୁକ୍ରବାର ରାତିରେ ଘର ଆଗରେ ବସିଥିବା ବେଳେ ପାରିବାରିକ କଳହକୁ ନେଇ ତପୁ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହି ଘଟଣା ପରେ ତପୁ ଫେରାର ଥିବା ପୋଲିସ କହିଛି।

### ଭାରସାମ୍ୟ ହରାଇ ଓଲଟିଲା ବୋଲେରୋ: ଜଣେ ଗୁରୁତର

**ଆଠଗଡ, ୧୫।୬(ସ୍ୱ.ପ୍ର.):** ପୁରୁଣା କଟକ ସମ୍ବଲପୁର ରାସ୍ତାର ଆଠଗଡ ଥାନା ଅନ୍ତର୍ଗତ ନଡୁଆପଡା ବ୍ରିଜ୍ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇବାରୁ ଏକ ବୋଲେରୋ ଗାଡ଼ି ଓଲଟି ପଡିଛି। ଫଳରେ ଏହି ଥାନା ଅନ୍ତର୍ଗତ କନ୍ଦରପୁର ଗ୍ରାମର ଜଣେ ଗୁରୁତର ହୋଇଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି। ଗୁରୁତର ଜଣକ ହେଲେ ଅଜୟ ରଣା (୪୬)। ଖବରପାଇ ଆଠଗଡ ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିବା ବେଳେ ଗୁରତର ହୋଇଥିବା ରଣାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ଆହତଙ୍କୁ ଛାଡ଼ି ଦିଆଯାଇଛି ବୋଲି ଉପଖଣ୍ଡ ଚିକିତ୍ସାଳୟ ସୁତ୍ରରୁ ପ୍ରକାଶ। ବୁଲେରୋରେ କନ୍ଦରପୁର ଗ୍ରାମର ୧୨ ଜଣ ଲୋକ ଆଠଗଡ ଆସୁଥିବା ବେଳେ ନଡୁଆପଡା ବ୍ରିଜ୍ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା।

### ବାଇକ ଦୁର୍ଘଟଣାରେ ଜଣେ ମୃତ ,ଦୁଇ ଗୁରୁତର

**ମାହାଙ୍ଗା,୧୫।୬(ସ୍ୱ.ପ୍ର.):** ମାହାଙ୍ଗା-କଟିକଟା ପୂର୍ତ୍ତରାସ୍ତାର ଗୋକନଠାରେ ଶନିବାର ୨ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ମାହାଙ୍ଗା ଥାନା ଅନ୍ତର୍ଗତ କଉଡୁକୋଲା ଗ୍ରାମର ବଳଦେବ ଦାସଙ୍କ ପୁତ୍ର ଦେବାଶିଷ ଦାସ (୩୮)ଙ୍କ ମୃତ୍ୟୁ ଘଟିଥିବା ବେଳେ ଗୋକନ ଗ୍ରାମର ବାଦଲ ଜେନା ଓ ତାଙ୍କର ସାଙ୍ଗ ବିଶ୍ୱଜିତ ମଲ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦେବାଶିଷ ଏକ ବୁଲେଟ୍‌ରେ ଏରକଣା ବଜାରରୁ ନିଜ ଘରକୁ ଫେରୁଥିବାବେଳେ ବିପରିତ ଦିଗରୁ ଏକ ବାଇକ୍‌ରେ ବାଦଲ ଓ ବିଶ୍ୱଜିତ ଆସୁଥିଲେ। ଗୋକନ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଉଭୟଙ୍କ ମଧ୍ୟରେ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦେବାଶିଷଙ୍କୁ ମୃତ ଘୋଷଣା କରିଥିଲେ।

### ବ୍ୟାଟେରି ଚୋରି: ୪ ଗିରଫ

**ମାହାଙ୍ଗା,୫।୬(ସ୍ୱ.ପ୍ର.):** ବ୍ୟାଟେରି ଚୋରି ଅଭିଯୋଗରେ ମାହାଙ୍ଗା ପୋଲିସ ଶନିବାର ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଗ୍ରାମର ଦୀପକ ସେଠୀ, ମଦନମୋହନ ସେଠୀ, ଦସ୍ତୁ ସେଠୀ ଓ ରାଜକିଶୋର ସେଠୀ। ବିଭିନ୍ନ ସ୍ଥାନରୁ ୪ ବ୍ୟାଟେରୀ ଚୋରି କରି ନିଜ ଘରେ ରଖିଥିଲେ। ଖବରପାଇ ପୋଲିସ ଅଭିଯୁକ୍ତଙ୍କ ଘରେ ଚଢାଉ କରି ବ୍ୟାଟେରୀଗୁଡିକୁ ଜବତ କରିଥିଲା।

### ଧୂମାବତୀ ନଗରରୁ ଚୋରି

**ଚୌଦ୍ୱାର,୧୫।୬(ଡି.ଏନ୍.ଏ.):** ୫୫ନଂ. ଜାତୀୟ ରାଜପଥର ଧୁମାବତୀ ଛକ ନିକଟସ୍ଥ ଧୂମାବତୀ ନଗରର ପଞ୍ଚାନନ ନାୟକଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପଞ୍ଚାନନ ଓ ତାଙ୍କ ପରିବାର ଲୋକେ କୌଣସି ଏକ କାର୍ଯ୍ୟରେ ବାହାରକୁ ଯାଇଥିଲେ। ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ଗ୍ରୀଲ୍ କାଟି ଭିତରେ ପଶିଥିଲେ। ପରେ ଆଲମିରା ତାଡି ୪୪ହଜାର ଟଙ୍କା, ହଳେ ସୁନା କାନଫୁଲ, ଗୋଟିଏ ସୁନା ମୁଦି ଓ ୨୦ଭରି ଓଜନର ରୁପା ଅଳଙ୍କାର ଲୁଟି ନେଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୭୯/୧୯) ରୁଜୁ କରି ତଦନ୍ତ ଚଳାଇଛି।

# ଭଲ ଚାଉଳ ବାହାର ରାଜ୍ୟକୁ ଚାଲାଣ

- ୨ ମାନ ବିଶ୍ଲେଷଣକାରୀରେ ଚାଲିଛି ଜିଲା
- ମିଲ୍‌ରୁ ଚାଉଳ ସଂଗ୍ରହ ପ୍ରକ୍ରିୟାର ସ୍ୱଚ୍ଛତା ନେଇ ପ୍ରଶ୍ନ

**କଟକ ଅଫିସ, ୧୫।୬**

ଚାଷୀଙ୍କଠାରୁ ସଂଗ୍ରହ କରାଯାଇଥିବା ଭଲ ଧାନର ଚାଉଳ ବାହାର ରାଜ୍ୟକୁ ଚାଲାଣ ହେଉଛି। ଏଭଳି ସୁଯୋଗ ଆଣି ଦେଇଛି ଫନୀ। କାରଣ ଫନୀ, ରିଲିଫ ଆକାରରେ ଚାଉଳ ମିଳିବା ପରେ, ଏବେ କଟକରେ ଚାଉଳ ଦର ମାନ୍ଦା। କିଲୋ ପ୍ରତି ୧୮ରୁ ୨୦ ଟଙ୍କାରେ ଚାଉଳ ବଜାରରେ ମିଳୁଛି। ଏହାର ଫାଇଦା ଏବେ ଜିଲାରେ ଥିବା କେତେଜଣ ଅସାଧୁ ମିଲର ଓ ଯୋଗାଣ ବିଭାଗର ଅଧିକାରୀମାନେ ଉଠାଉଛନ୍ତି। ଚାଷୀଙ୍କଠାରୁ ସଂଗ୍ରହ କରାଯାଇଥିବା ଭଲ ଧାନର ଚାଉଳ ବାହାର ରାଜ୍ୟ ବିଶେଷକରି କୋଲକାତା ଓ ଆନ୍ଧ୍ରକୁ ଚାଲାଣ କରାଯାଉଛି। ମୁଖ୍ୟତଃ ବିଭିନ୍ନ ଗୋଦାମ ଦାୟିତ୍ୱରେ ଥିବା ପ୍ରୋକ୍ୟୁରମେଣ୍ଟ ଇନ୍ସପେକ୍ଟର(ପିଆଇ)ଙ୍କ ଭୂମିକା ଏ କ୍ଷେତ୍ରରେ ଅଧିକ ରହିଛି। ଜିଲାରେ ଧାନ ସଂଗ୍ରହକୁ ଦେଖିଲେ ଚଳିତ ଖରିଫ ଋତୁରେ ଯୋଗାଣ ବିଭାଗ ଚାଷୀଙ୍କଠାରୁ ୧୨ଲକ୍ଷ ୭୩ ହଜାର କୁଇଣ୍ଟାଲ ଧାନ କିଣିଥିଲା। ଏହି ଧାନରୁ ୮ ଲକ୍ଷ ୫୦ ହଜାର କୁଇଣ୍ଟାଲ ଚାଉଳ ସଂଗ୍ରହ କରିବାକୁ ଯୋଗାଣ ବିଭାଗ ଲକ୍ଷ୍ୟଧାର୍ଯ୍ୟ ରଖିଛି। ଅଦ୍ୟାବଧି ମିଲ୍‌ଗୁଡିକରୁ ୫ଲକ୍ଷ କୁଇଣ୍ଟାଲ ଚାଉଳ ଫେରସ୍ତ ଆସିଲାଣି। ତେବେ ମିଲ୍‌ଗୁଡିକରୁ ଯେଉଁ ଚାଉଳ ଫେରସ୍ତ ଆସିଛି ତାହାର କ୍ୱାଲିଟି କିଭଳି ରହିଛି ତାହାକୁ ନେଇ ପ୍ରଶ୍ନବାଚୀ ଉପୁଜିଛି।

ଜିଲାରେ ମୋଟ ୯ ଟି ଗୋଦାମ ରହିଛି। ଏହି ଗୋଦାମ ପାଇଁ ମାତ୍ର ୨ ଜଣ ମାନ ବିଶ୍ଲେଷଣକାରୀ (କ୍ୱାଲିଟି ଆନାଲିଷ୍ଟ, କ୍ୟୁଏ) ରହିଛନ୍ତି। ତେଣୁ ୨ ଜଣ କ୍ୟୁଏ ଏତେ ସଂଖ୍ୟକ ଗୋଦାମ ତନଖି କରିବା ସମ୍ଭବ ନୁହେଁ ବୋଲି ଜିଲା ଯୋଗାଣ ବିଭାଗର ଜଣେ ଅଧିକାରୀ କହିଛନ୍ତି। ଜିଲାରେ ସାଧାରଣ ଗ୍ରେଡର ଧାନ ଚାଷୀଙ୍କଠାରୁ କିଣା ଯାଉଥିବା ବେଳେ ଚାଉଳର ମାନ ଅତ୍ୟନ୍ତ ଖରାପ ରହୁଛି। ବିଶେଷକରି ଫନୀ ବାତ୍ୟାରେ ମିଲ ଭିତରେ ପାଣି ପଶି ଯାଇଥିବା କହି ମିଲରମାନେ ନିଜକୁ ଖସେଇବାକୁ ଚେଷ୍ଟା ଚଳାଇଛନ୍ତି। ଯୋଗାଣ ବିଭାଗର ଅଧିକାରୀମାନଙ୍କ ଅନୁକମ୍ପା ସେମାନଙ୍କୁ ଏଥିରେ ଅଧିକ ସହାୟତା ଯୋଗାଉଛି। କାରଣ ମିଲ୍‌ରେ ଭଚାଉଳ ହେବା ପରେ ତାହାକୁ ସିଧାସଳଖ ବାହାର ରାଜ୍ୟର ବ୍ୟବସାୟୀଙ୍କ ହାତରେ ଟେକିଦିଆଯାଉଛି। ପରେ ବଜାରରୁ ଖରାପ ଚାଉଳକୁ କିଣି ତାହାକୁ ଗୋଦାମକୁ ପଠାଯାଉଛି। ଏଭଳି ଘଟଣା ଜିଲା ପାଇଁ ନୂଆ ନୁହେଁ। ବିଗତ ବର୍ଷଗୁଡିକରେ ଏଭଳି ଘଟଣାକୁ ନେଇ କେଳେଙ୍କାରୀ ଉପୁଜିଥିଲା। ଅତୀତରେ ଜିଲାର ଦୁଇଟି ମିଲ୍ ଚାଷୀଙ୍କଠାରୁ ଉଚ୍ଚମାନର ଧାନ ନେଇ ମୁଦି ଚାଉଳ ଓ ନାଲି ଚାଉଳ ଫେରସ୍ତ ଦେଉଥିବା ବେଳେ ମାନ ବିଶ୍ଲେଷଣକାରୀଙ୍କ ହାତରେ ଧରା ପଡିଥିଲେ। ଯେଉଁଥିପାଇଁ ଉକ୍ତ ମିଲ୍ ଦ୍ୱୟରୁ ଚାଉଳ ଫେରସ୍ତକୁ ବନ୍ଦ ରଖାଯାଇଥିଲା। ନାଲି ଚାଉଳ ଫେରସ୍ତ ଦେଉଥିବା ମିଲ୍ ଉପରେ ଅଦ୍ୟାବଧି ସରକାରଙ୍କ ୧ କୋଟି ୭୨ ଲକ୍ଷ ଟଙ୍କାର ଚାଉଳ ବାବଦ ଅନାଦାୟ ରହିଥିବା ବେଳେ ମୁଦି ଚାଉଳ ବାହାରୁଥିବା ମିଲ୍‌ରଙ୍କଠାରୁ ଚାଉଳ ଆଦାୟ ହୋଇ ପାରି ନ ଥିଲା। ଯେଉଁଥିପାଇଁ ତାଙ୍କ ଅମାନତ ଜମାରୁ ଦେଢ କୋଟି ଟଙ୍କା ସରକାରୀ ଖାତାରେ ଭରଣା କରାଯାଇଛି। ପୂର୍ବ ବର୍ଷଗୁଡିକରେ ଜିଲାରେ ଚାଉଳର ଗୁଣାତ୍ମକମାନକୁ ନେଇ ଏଭଳି ସବୁ ଘଟଣା ଘଟି ଯାଇଛି। ଏବେ ମାନ ବିଶ୍ଲେଷଣକାରୀମାନେ ଅଧିକାଂଶ ଗୋଦାମରେ ଚାଉଳ ସଂଗ୍ରହ ସମୟରେ ଅନୁପସ୍ଥିତ ରହୁଛନ୍ତି। ଫଳରେ ମିଲ୍‌ଗୁଡିକରୁ ଚାଉଳ ସଂଗ୍ରହ କରାଯିବାକୁ ନେଇ ଏହି ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ସନ୍ଦେହ ସୃଷ୍ଟି ହୋଇଛି। କେବଳ ସେତିକି ନୁହେଁ ଏହା ପଛ ଆଉ ଏକ କାରଣ ମଧ୍ୟ ଲୁଚି ରହିଥିବା ଆଲୋଚନା ହେଉଛି। ମିଲ୍‌ରମାନଙ୍କଠାରୁ ସଂଗ୍ରହ କରାଯାଉଥିବା ଚାଉଳରୁ କୁଇଣ୍ଟାଲ ପିଛା ୫ ରୁ ୬ଟଙ୍କା ମୁନାଫା ଆଦାୟ କରାଯାଉଛି। ଏଭଳିସ୍ଥିତିରେ ମିଲର୍‌ମାନେ ଯୋଗାଣ ବିଭାଗର ଅଧିକାରୀମାନଙ୍କୁ ହାତଗୁଞ୍ଜା ଦେଇ ଖରାପ ଚାଉଳ ଦେଇ ଖସି ଯାଉଛନ୍ତି। ଏ ସମ୍ପର୍କରେ ଧାନ ସଂଗ୍ରହ ଦାୟିତ୍ୱରେ ଥିବା ଜିଲା ସହକାରୀ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ରଙ୍କୁ ପଚାରିବାରେ ମାନ ବିଶ୍ଲେଷଣକାରୀମାନଙ୍କୁ ଯୋଗାଣ ନିଗମ ନିଯୁକ୍ତି ଦେଇଥାଏ। ଆମ ନଜରକୁ ଯେଉଁଠୁ ଖରାପ ଚାଉଳ ଆସୁଛି ଆମେ ତାହାକୁ ସମ୍ପୃକ୍ତ ମିଲ୍‌କୁ ଫେରସ୍ତ ଦେଉଛୁ ବୋଲି ମିଶ୍ର କହିଛନ୍ତି।



କଟକ ରେଲୱେ ଖେଳପଡ଼ିଆରେ ସାଇସେବା ଗ୍ରାମ ପକ୍ଷରୁ ଅନୁଷ୍ଠିତ ରଜ ମହୋତ୍ସବରେ ଶନିବାର ଦୋଳି ଖେଳୁଥିବା ଝିଅମାନେ।

### ଦାଦାଙ୍କୁ ମାଡ଼ ମାରି ୨ ପୁତୁରା ଗିରଫ

**କଟକ ସଦର, ୧୫।୬(ଡି.ଏନ୍.ଏ.)**

କିଶୋର ନଗର ଥାନା ଅଧୀନ ତରିତୋ ଗ୍ରାମର ଅଜୟ କୁମାର ମହାନ୍ତି(୫୮)ଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ୨ ପୁତୁରାଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବିଶ୍ୱଜିତ୍ ମହାନ୍ତି ଓ ସମରଜିତ୍ ମହାନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ.୬୧/୧୯) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଶୁକ୍ରବାର ଅଜୟ ବାଟରେ ଯାଉଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨ ପୁତୁରା ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ଚିକିତ୍ସା ପାଇଁ କଟକ ନିଆଯାଇଥିଲା।

■ ମହିଳା ଖବରଦାତାଙ୍କୁ ଦୁର୍ବ୍ୟବହାର ଘଟଣା

# ଏମ୍‌ପି ଅନୁଭବ ମହାନ୍ତିଙ୍କ କୁଶପୁତ୍ତଳିକା ଦାହ



ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏମ୍‌ପି ଅନୁଭବ ମହାନ୍ତିଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

**କଟକ ଅଫିସ,୧୫।୬**

କଟକ ଗୌରୀଶଙ୍କର ପାର୍କ ନିକଟରେ ଶନିବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହେବା ସହ ଏମ୍‌ପି ଅନୁଭବ ମହାନ୍ତିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏମ୍‌ପି ଅନୁଭବ ଓ ତାଙ୍କ ଭାଇ ଅନୁପ୍ରାସ ଜଣେ ମହିଳା ଖବରଦାତାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ପୁରୀଘାଟ ଥାନାରେ ଅଭିଯୋଗ ହୋଇଛି। ଏହାକୁ ଦୃଢ ନିନ୍ଦା କରାଯିବା ସହ ପୋଲିସ ଏହି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରୁଛି ବୋଲି ଯୁବମୋର୍ଚ୍ଚା ପକ୍ଷରୁ ଅଭିଯୋଗ ହୋଇଛି। ଯୁବମୋର୍ଚ୍ଚାର ରାଜ୍ୟ ଉପସଭାପତି ସିକନ୍ଦର ଅଲ୍ଲୀ ଉପସ୍ଥିତ ରହି କହିଥିଲେ, ମୁଖ୍ୟମନ୍ତ୍ରୀ ନିଜେ ଗୃହ ବିଭାଗର ମୁଖ୍ୟ ଥାଇ ସୁଦ୍ଧା ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ରହିବା ଘଟଣା ଦୁର୍ଭାଗ୍ୟଜନକ। ଅସଦାଚରଣ ଓ ବ୍ୟଭିଚାରକୁ ପ୍ରଶୟ ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଦେବାଶିଷ ରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସ୍ମୃତି ରଞ୍ଜନ ମିଶ୍ର, ପୂର୍ବତନ କର୍ପୋରେଟର ଚିତ୍ତରଞ୍ଜନ ଦାସ, ବିଶ୍ୱରଞ୍ଜନ ମିଶ୍ର, ସୁନୀଲ ଦ୍ୱିବେଦୀ, ଅନ୍ନଦା ଦାସ, କାଳିପ୍ରସାଦ ମହାନ୍ତି, ବିଷ୍ଣୁପ୍ରିୟା ବେହେରା, ଧୀରେନ ସେଠୀ, ଆଶୁତୋଷ ଦାସ ପ୍ରମୁଖ ସାମିଲ ହୋଇଥିଲେ।




କଟକ ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଦ ରିସର୍ଚ୍ଚସ ଆସୋସିଏଶନ, ଓଡ଼ିଶା ପକ୍ଷରୁ ଅନୁଷ୍ଠିତ ଜାତୀୟ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

# ଭଡ଼ାଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶ୍ରୀବିହାର ପ୍ଲଟ୍ ନଂ.୬୧୫/୨୦୯୩ରୁ ପୋଲିସ ଜଣେ ଯୁବକଙ୍କ ଗଳିତ ମୃତଦେହକୁ ଉଦ୍ଧାର କରିଛି। ମୃତ ଯୁବକ ହେଲେ କଟକ ନିଆଳି ଥାନା ଚାରିଛକ ଅଞ୍ଚଳର ବିଭୁପ୍ରସାଦ ମହାରଣା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୮/୧୯) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ଉକ୍ତ ଘରକୁ ସିଲ୍ କରିବା ସହ ଘର ମାଲିକଙ୍କୁ ପଚରାଉଚରା କରିଛି। ମିଳିଥିବା ସୂଚନାନୁଯାୟୀ, ବିଭୁପ୍ରସାଦ ୨୦୧୨ରୁ ବିଟେକ୍ ପାଠ ଶେଷ କରିବା ପରେ ବଡ଼ଭାଇଙ୍କ ସହ ଶ୍ରୀବିହାରରେ ଭଡ଼ାଘରେ ରହି ଚାକିରି ପାଇଁ ପ୍ରସ୍ତୁତି ଚଳାଇଥିଲେ। ୫ ଦିନ ହେବ ବମ୍ବେରେ ରହୁଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କର ଦୁର୍ଘଟଣାରେ ଗୋଡ଼ ଭାଙ୍ଗିଯାଇଥିଲା। ବିଭୂପ୍ରସାଦଙ୍କ ବଡ଼ ଭାଇ ତାଙ୍କୁ ଦେଖିବା ପାଇଁ ୧୧ ତାରିଖରୁ ବମ୍ବେ ଚାଲି ଯାଇଥିଲେ। ଘରେ ଏକୁଟିଆ ଥିଲେ ବିଭୁପ୍ରସାଦ। ୧୩ ତାରିଖରୁ ଲଗାତର ୩ଦିନ ହେବ କବାଟ ବନ୍ଦ ଥିବା ଦେଖି ଘର ମାଲିକଙ୍କ ସନ୍ଦେହ ହୋଇଥିଲା। ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଘରର କବାଟ ବାଡେଇ ବିଭୁପ୍ରସାଦଙ୍କୁ ଡାକିଥିଲେ। ହେଲେ ସେ କବାଟ ଖୋଲି ନ ଥିଲେ। ଘର ଭିତରୁ ଦୁର୍ଗନ୍ଧ ବାହାରୁଥିବାରୁ ଘର ମାଲିକଙ୍କ ସନ୍ଦେହ ଆହୁରି ବଢ଼ିଯାଇଥିଲା। ସେ ତୁରନ୍ତ ଚନ୍ଦ୍ରଶେଖରପୁର ଥାନାକୁ ଫୋନ୍ କରି ଏ ସଂକ୍ରାନ୍ତରେ ଜଣାଇଥିଲେ। ପୋଲିସ ପହଞ୍ଚି କବାଟ ଲକ୍ ଭାଙ୍ଗି ଭିତରକୁ ପଶିବା ପରେ ବିଭୁପ୍ରସାଦଙ୍କ ଗଳିତ ମୃତଦେହ ଡୋର୍ ସ୍କ୍ରିନ୍ ବେକରେ ବନ୍ଧା ଅବସ୍ଥାରେ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ।

ଏହି ଘଟଣାକୁ କେହି ଆତ୍ମହତ୍ୟା ବୋଲି କହୁଛନ୍ତି। ଗତ ୭ବର୍ଷ ହେବ ବିଭୁପ୍ରସାଦ ଚାକିରି ପାଇଁ ଆବେଦନ କରିବା ସହ ବିଭିନ୍ନ ପରୀକ୍ଷା ଦେଉଥିଲେ ମଧ୍ୟ ଇଚ୍ଛା ମୁତାବକ ଚାକିରି ପାଇପାରି ନ ଥିଲେ। ଏଥିପାଇଁ ବିଭୁପ୍ରସାଦ ଏକ ପ୍ରକାର ମାନସିକ ଚିନ୍ତାରେ ରହୁଥିଲେ। ବିଭିନ୍ନ ସମୟରେ ସେ ଏକାକୀ ବସି କାନ୍ଦି କାନ୍ଦି ନିଜ ଭାଗ୍ୟକୁ ନିନ୍ଦୁଥିବାବେଳେ ଅଧିକାଂଶ ସମୟ ଚୁପ୍‌ଚାପ୍ ରହୁଥିଲେ। ବଡ଼ଭାଇ ତାଙ୍କୁ ବାରମ୍ବାର ବୁଝାଇ ଆଗକୁ ଭଲ ଚାକିରି ମିଳିବ ବୋଲି କହି ଆଶ୍ୱାସନା ଦେଉଥିଲେ। ମାନସିକ ଭାରସାମ୍ୟ ହରାଇ ବିଭୁପ୍ରସାଦ ଏପରି ପଦକ୍ଷେପ ନେଇଥାଇପାରନ୍ତି ବୋଲି ତାଙ୍କୁ ଜାଣିଥିବା କେତେଜଣ କହିଛନ୍ତି। ପୋଲିସ ଠିକ୍ ତଦନ୍ତ କରି ମୃତ୍ୟୁର ପ୍ରକୃତ କାରଣ ଖୋଜି ପାଇବାକୁ ଦାବି ହେଉଛି।

■ ତ୍ରିନାଥପଲ୍ଲୀକୁ ଯୋଗାଣ ହେଲାନି ପାଇପ ପାଣି

# ଦୂଷିତ କୂଅ ପାଣି ପିଉଛନ୍ତି ବସ୍ତିବାସିନ୍ଦା



ପାଣି ପାଇଁ ମହିଳାଙ୍କ ଭିଡ଼।



ପାଣି ପାଇଁ ବ୍ୟବହାର ହେଉଥିବା ଦୂଷିତ କୂଅ।

**ଚୌଦ୍ୱାର,୧୫।୬(ଡି.ଏନ୍.ଏ.)**

ତାତି ସହ ବଢୁଛି ପିଇବା ପାଣି ସମସ୍ୟା। ପିଇବା ପାଣି ପାଇଁ ସରକାର ବହୁ ଯୋଜନା କରିବା ସହ ଅର୍ଥ ଖର୍ଚ୍ଚ କରୁଥିଲେ ମଧ୍ୟ ସୁଧୁରିପାରୁନି ଚୌଦ୍ୱାର ଅଞ୍ଚଳର ପାଣି ସମସ୍ୟା। ସୂଚନା ଅନୁଯାୟୀ, ଚୌଦ୍ୱାର ପୌରପାଳିକା ମୁଖ୍ୟ କାର୍ଯ୍ୟାଳୟଠାରୁ ୨କି.ମି. ଓ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟଠାରୁ ୫୦୦ମିଟର ଦୂରରେ ରହିଛି ୧୭ନଂ. ୱାର୍ଡ ତ୍ରିନାଥପଲ୍ଲୀ ବସ୍ତି। ବସ୍ତିରେ ବାସ କରୁଥିବା ୬୦ପରିବାର ପାଇଁ ସାହା ହୋଇଛି ଏକମାତ୍ର କୂଅ। ଏହି ଖୋଲାକୂଅର ପାଣି ଦୂଷିତ ହୋଇଥିଲେ ମଧ୍ୟ ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟରେ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି ବସ୍ତିବାସିନ୍ଦା। ଖରାଦିନେ ଜୀବନ ବଞ୍ଚାଇବା ପାଇଁ ପ୍ରାୟ ଅଧ କିଲୋମିଟର ଦୂରରେ ଥିବା ଏକ ପାଣି ଟ୍ୟାପ ଉପରେ ବସ୍ତିବାସିନ୍ଦା ନିର୍ଭର କରିଥାନ୍ତି। ଦୀର୍ଘ ବର୍ଷ ଧରି ରହୁଥିବା ଏହି ୬୦ପରିବାର ପାଇଁ ୧୯୯୫ ରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୩ଟି କୂଅ ନିର୍ମାଣ କରିଥିଲା। ଉକ୍ତ ୩ କୂଅରୁ ଦୁଇଟି କୂଅ ପରିତ୍ୟକ୍ତ ଅବସ୍ଥାରେ ଥିବା ବେଳେ ଗୋଟିଏ କୂଅର ପାଣିକୁ ଲୋକେ ବ୍ୟବହାର କରୁଛନ୍ତି। ହେଲେ ଏହି କୂଅ ପାଣିରୁ ଚର୍ମରୋଗ ସହିତ ଛୋଟପିଲାଙ୍କୁ ଡାଇରିଆ ଭଳି ରୋଗ ବ୍ୟାପୁଥିବା ଜଣାପଡିଛି। ପିଇବା ପାଣି ସମସ୍ୟା ନେଇ ବାରମ୍ବାର ପୌରପାଳିକା ଓ ଜନସ୍ୱାସ୍ଥ୍ୟ ବିଭାଗକୁ ଅଭିଯୋଗ କରାଯାଇଛି ବୋଲି ବସ୍ତିର ମୁଖିଆ ରମାକାନ୍ତ ଦାସ, ସବିତା ଘଡେଇ କହିଛନ୍ତି। ଅନ୍ୟପକ୍ଷରେ ଘରକୁ ଘର ପାଇପ ସଂଯୋଗ କରାଯାଇଛି ହେଲେ ୩ମାସରୁ ଊର୍ଦ୍ଧ୍ୱ ହେବ ମୁନ୍ଦାଏ ପାଣି ବାହାରି ନ ଥିବା ବସ୍ତିବାସିନ୍ଦା କହିଛନ୍ତି। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ସମସ୍ୟା ସମାଧାନ କରା ନ ଗଲେ ରାଜରାସ୍ତା ଅବରୋଧ କରାଯିବ ବୋଲି ବସ୍ତି ଲୋକେ ଚେତାବନୀ ଦେଇଛନ୍ତି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ଶମ୍ଭୁନାଥ ସେଠୀ କୁହନ୍ତି, ସମସ୍ୟା ଉପରେ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି ।




କଟକ ଶ୍ରୀରାମ ଚନ୍ଦ୍ର ଭବନରେ ଶନିବାର ଫକୀର ମୋହନ ସ୍ମୃତି ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ଶନିବାର ଯୋଗଦେଇଥିବା ଅତିଥିବୃନ୍ଦ।



ରଜରେ କଟକ ଡଗରପଡାର ହନୁମାନ ମନ୍ଦିର ନିକଟରେ ପଶାପାଲି ଓ ତାସ ଖେଳଥିବା ଲୋକମାନେ।



ଈଶ୍ୱର ନାମ ଆଗରେ ଜାତି ଧର୍ମର ବିଦ୍ୱେଷ ରହିବା ଉଚିତ୍ ନୁହେଁ।

- ଗୁରୁ ନାନକ



## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**ଖୋର୍ଦ୍ଧା ଅଫିସ,୧୫।୬:** ଅଜଣା ଗାଡି ଧକ୍କାରେ ୧୬ ନଂ. ଜାତୀୟ ରାଜପଥର ତାପଙ୍ଗ ଛକରେ ଶନିବାର ମଧାହ୍ନରେ ଜଣେ ବାଇକ୍ ଚାଳକଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ପାପୁନା ପ୍ରଧାନ (୨୨)। ଘର ପୁରୀ ଜିଲା କଣାସ ଥାନା ପାଣ୍ଡିଆକେରା ଗାଁରେ। ପାଣ୍ଡିଆକେରା ଗାଁର ପାପୁନା ଭଉଣୀ ଘର ଟାଙ୍ଗୀ ଥାନା ଭୁଷଣ୍ଡପୁରରୁ ବାଇକ୍ ଯୋଗେ ଫେରୁଥିଲେ। ବାଟରେ ଦୁର୍ଘଟଣା ହୋଇଥିଲା। ଖବର ପାଇଁ ଖୋର୍ଦ୍ଧା ସଦର ଥାନା ପୋଲିସ ପହଞ୍ଚି ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ନଂ. ୮୮/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ବିୟର ବୋତଲ ଭାଙ୍ଗି ହତ୍ୟା ଉଦ୍ୟମ
### ୩ ଆହତ, ୨ ଗିରଫ

**ଖୋର୍ଦ୍ଧା ଅଫିସ,୧୫।୬:** ଖୋର୍ଦ୍ଧା ଆଦର୍ଶ ଥାନାର ସାମନ୍ତରାପୁରରେ ଜେମାଦେଇର ରାକେଶ ବେହେରାଙ୍କୁ ଭଙ୍ଗା ବିୟର ବୋତଲରେ ଭୁସି ହତ୍ୟା ଉଦ୍ୟମ କରାଯାଇଛି। ଏହି ଘଟଣାରେ ପୋଲିସ ବାଜପୁରର ଦିଲୀପ ବ୍ରହ୍ମା ଓ ଆଲୋକ ରାୟଙ୍କୁ ଶନିବାର ଗିରଫ କରିଛି। ଅନ୍ୟପକ୍ଷେ ଦିଲୀପ ଓ ଆଲୋକଙ୍କ ଆକ୍ରମଣରେ ରାକେଶଙ୍କ ସମେତ ୩ ଜଣ ଆହତ ହୋଇ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଦିଲୀପ ଓ ଆଲୋକ ମିଳିତ ଭାବେ ଜେମାଦେଇର ରାକେଶଙ୍କୁ ହତ୍ୟା କରିବାକୁ ଭଙ୍ଗା ବିୟର ବୋତଲରେ ଉଦ୍ୟମ କରିଥିଲେ। ଦୁଇଜଣ ଯୁବକ ରାକେଶଙ୍କୁ ରକ୍ଷା କରିବାକୁ ଯାଇ ଆହତ ହୋଇଛନ୍ତି।

### କବି ଦୁର୍ଯ୍ୟୋଧନଙ୍କ ଶ୍ରାଦ୍ଧବାର୍ଷିକୀ

**ଖୋର୍ଦ୍ଧା ଅଫିସ, ୧୫।୬:** କବି ଦୁର୍ଯ୍ୟୋଧନ ସାମନ୍ତରାୟଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ବଡ଼ତୋଟାଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଓ ଜବାହରଲାଲ ସୁବୁଦ୍ଧିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଶକ୍ତିଧର ମହାପାତ୍ର, ଦିବାକର ମଙ୍ଗରାଜ, ବୃନ୍ଦାବନ ପଣ୍ଡା, ସୁରଜ ପାଇକରାୟ, ଧନେଶ୍ୱର ସାହୁ, ସତ୍ୟବାଦୀ ବଳିଆରସିଂହ, ଜ୍ଞାନ ରଞ୍ଜନ ଦାଶ, ରାମ ଶଙ୍କର ପ୍ରମୁଖ ଯୋଗଦେଇଥିଲେ। ସେମାନେ କବି, ଲେଖକ ଓ ସମାଜ ସଂସ୍କାରକ ଦୁର୍ଯ୍ୟୋଧନଙ୍କ ସ୍ମୃତିଚାରଣ କରିଥିଲେ। ଦୁର୍ଯ୍ୟୋଧନଙ୍କ ରଚିତ ବଡ଼ତୋଟା ଦର୍ପଣ ଏକ ଐତିହାସିକ ଦସ୍ତାବିଜ ବୋଲି ମତପ୍ରକାଶ ପାଇଥିଲା। ସ୍ୱର୍ଗତ ସାମନ୍ତରାୟଙ୍କ ଦୁଇଖଣ୍ଡ ପୁସ୍ତକ ସହଜ ଇଂରାଜି ବ୍ୟାକରଣ ଶିକ୍ଷା ଓ ସରଳ ବାଲ୍ୟ ବୋଧ୍ ନୀଦ ଆମରିସତ୍ୟ ପ୍ରକାଶନୀ ଦ୍ୱାରା ପ୍ରକାଶିତ ହୋଇ ସେଠାରେ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ତାଙ୍କର ତିନିପୁତ୍ର ପରିଚାଳନା କରିଥିଲେ।

■ ପ୍ରାପ୍ୟ ମିଳିବାରେ ବିଳମ୍ବ, କମ୍ ପାରିଶ୍ରମିକ ମିଳୁଛି

# ସରକାରୀ କାର୍ଯ୍ୟକ୍ରମରୁ ମୁହଁ ମୋଡୁଛନ୍ତି କଳାକାର

**ଖୋର୍ଦ୍ଧା ଅଫିସ,୧୫।୬**

ଆଦିମ କାଳରୁ ଲୋକକଳା ମନୋରଞ୍ଜନର ମାଧ୍ୟମ ପାଲଟିଛି। ତେବେ ଆଧୁନିକତାର ପ୍ରଭାବ, ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବ, ପ୍ରୋତ୍ସାହନର ଅଭାବରୁ ଲୋକକଳା ତା'ର ଗତି ବଦଳାଇଛି। ହେଲେ ଲୋକକଳା ତା'ର ସ୍ୱତନ୍ତ୍ରତା ହରାଇନାହିଁ। କୃଷ୍ଣଲୀଳା, ରାମଲୀଳା ଓ ଦଣ୍ଡନୃତ୍ୟରେ ପୌରାଣିକ କଥା ରହିଥିବାବେଳେ କେଳାକେଲୁଣୀ ନୃତ୍ୟ, ଚଢ଼େୟା ନୃତ୍ୟ ଆଦିରେ ସାମାଜିକ ବାର୍ତ୍ତା ରହିଥାଏ। ହେଲେ ଏହାର ଅବକ୍ଷୟ ଘଟିବାରେ ଲାଗିଛି। ଡିସ୍କୋ, ମେଲୋଡି, ଡିଜେର ଆବିର୍ଭାବରେ ପାଲା, ଦାସକାଠିଆ ପରି ଆମର ବହୁ ଲୋକପ୍ରିୟ ଲୋକକଳାର ଚାହିଦା କମି ଯାଇଛି। ରାତି ଅନିଦ୍ରା ହୋଇ ଯାତ୍ରା ଦେଖୁଥିବା ଲୋକ ଦଣ୍ଡଯାତ୍ରା କହିଲେ ମୁହଁ ମୋଡୁଛନ୍ତି। ବୈଦ୍ୟୁତିକ ଗଣମାଧ୍ୟମର ବ୍ୟାପକତା ଯୋଗୁ ଲୋକକଳାର ଆଦର କମିଯାଉଛି। ମନୋରଞ୍ଜନ ପାଇଁ ଲୋକେ ଆଉ ଲୋକକଳା ଉପରେ ନିର୍ଭର କରୁନାହାନ୍ତି। ପୁଣି କଳାକାରମାନେ ଜୀବନଜୀବିକା ପାଇଁ ଅନ୍ୟ ପନ୍ଥା ବାଛି ନେବାକୁ ବାଧ ହେଉଛନ୍ତି। ସରକାର ବ୍ଲକ ଓ ଜିଲାସ୍ତରରେ କଳା ସଂସ୍କୃତି ସଂଘ ଗଠନ କରିବା ପରେ ଲୋକକଳା ବଞ୍ଚିବା ଏବେ ଆରମ୍ଭ କରିଛି। ତେବେ ସରକାରୀ କାର୍ଯ୍ୟକ୍ରମରେ କଳାକାରମାନଙ୍କୁ କମ ପାରିଶ୍ରମିକ ମିଳୁଥିବାବେଳେ ଠିକ୍ ସମୟରେ ମିଳୁନି ବୋଲି ଅଭିଯୋଗ ହେଉଛି। ଫଳରେ ସରକାରୀ କାର୍ଯ୍ୟକ୍ରମ କରିବାକୁ ଅନେକ କଳାକାର ମୁହଁ ମୋଡୁଛନ୍ତି।

### କଳାକାରଙ୍କୁ ମିଳୁନି ପ୍ରାପ୍ୟ



➲ ରାଜ୍ୟ ସରକାରଙ୍କ ପିଠା କାର୍ଯ୍ୟକ୍ରମରେ ଟାଙ୍ଗୀ ବ୍ଲକର ୨୬ ପଞ୍ଚାୟତରେ ୨୦୧୮ ଡିସେମ୍ବରରେ ସଚେତନତା ସୃଷ୍ଟି କରାଯାଇଥିଲା। ବ୍ଲକର ୪ ଲୋକକଳା ଦଳ ମୋ ନେତୃତ୍ୱରେ ୧୦ଦିନ ପର୍ଯ୍ୟନ୍ତ ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ସରକାରଙ୍କର ସଫଳତାର ବାର୍ତ୍ତା ସହ ପିଠା କାର୍ଯ୍ୟକ୍ରମ ନେଇ ସଚେତନତା ସୃଷ୍ଟି କରିଥିଲେ। ଗୋଟିଏ କାର୍ଯ୍ୟକ୍ରମକୁ ୨ ହଜାର ଲେଖାଏ ୨୬ ପଞ୍ଚାୟତକୁ ୫୨ ହଜାର ଟଙ୍କା ପ୍ରାପ୍ୟ ହେଉଛି। ହେଲେ ୬ ମାସ ବିତି ଯାଇଥିଲେ ମଧ ପାରିଶ୍ରମିକ ପାଇନାହୁଁ। ସେହିଭଳି ଜାନୁୟାରୀ, ଫେବୃୟାରୀରେ ୫ଟି ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏ ବାବଦ ୧୦ ହଜାର ଟଙ୍କା ପ୍ରାପ୍ୟ ମିଳିନାହିଁ। କଳାକାରମାନଙ୍କୁ ପ୍ରାପ୍ୟ ଦେବାରେ ବ୍ଲକ ପ୍ରଶାସନ ବିଳମ୍ବ କରୁଥିବାରୁ ଶୁକ୍ରବାର ଜିଲାସ୍ତରୀୟ ଲୋକକଳା ଦିବସରେ ମୁଁ ଅସନ୍ତୋଷ, କ୍ଷୋଭ ପ୍ରକାଶ କରି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛି।

**-ଗିରିଜା ଶଙ୍କର ମହାପାତ୍ର, କଳା ସଂସ୍କୃତି ସଂଘର ଉପସଭାପତି, ଟାଙ୍ଗୀ ବ୍ଲକ**

### ପାରିଶ୍ରମିକ ବଢ଼ାଯାଉ



➲ ଜିଲା ସଂସ୍କୃତି ବିଭାଗର ଗୋଟିଏ କାର୍ଯ୍ୟକ୍ରମ କରିଲେ ୨ ଶହ ଟଙ୍କା ମିଳୁଛି। ଏହି ଟଙ୍କାରେ ଗାଡି ଖର୍ଚ୍ଚ ଓ ଖାଇବା ଖର୍ଚ୍ଚରେ ଚାଲିଯାଉଛି। ଦିନତମାମ ପରିଶ୍ରମର ଫଳ ମିଳୁନି। କିନ୍ତୁ ଭାରତ ସରକାରଙ୍କ କାର୍ଯ୍ୟକ୍ରମ କରିଲେ କିଛି ଅସୁବିଧା ନାହିଁ। ମୋ ଦାସକାଠିଆ ଦଳ କ୍ୱଚିତ ଜିଲା ସଂସ୍କୃତି ବିଭାଗର କାର୍ଯ୍ୟକ୍ରମ କରୁଛି। ସରକାର କଳାର ଉନ୍ନତି କଲ୍ପେ ପାରିଶ୍ରମିକ ବୃଦ୍ଧି କରିବା ଦରକାର। ସବୁ କଳାକାର ଯେପରି ଭତ୍ତା ପାଇ ଉପକୃତ ହେବ ସେନେଇ ସରକାର ବ୍ୟବସ୍ଥା କରିବା ଦରକାର।

**-ଚକ୍ରଧର ଦେବତା, ଦାସକାଠିଆ ଗାୟକ, ବେଗୁନିଆ**

### ଭରଣପୋଷଣ ହେଉନି



➲ ଚକୁଳିଆ ପଣ୍ଡା ହୋଇ ଏଡ୍ସ, ଡେଙ୍ଗୁ, ଡାଇରିଆ, ମ୍ୟାଲେରିଆ, କିଶୋରୀ ବାଳିକା ଭଳି ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରି ଆସୁଛି। ମାସକୁ ସରକାରୀ କାର୍ଯ୍ୟକ୍ରମ ଗୋଟିଏରୁ ୨ଟା ପାଇଥାଏ। ଏଥିରେ ପରିବାର ଚଳାଇବା ସମ୍ଭବ ନୁହେଁ। ବେସରକାରୀ କାର୍ଯ୍ୟକ୍ରମ ଆଦୌ ନାହିଁ। କଳା ପ୍ରତି ଆଗ୍ରହ ଥିବାରୁ ପାରିଶ୍ରମିକକୁ ଦୃଷ୍ଟି ନ ଦେଇ କାମ କରେ। ଅଲଗା କାର୍ଯ୍ୟରେ ନିୟୋଜିତ ହୋଇ ପରିବାର ପ୍ରତିପୋଷଣ କରୁଛି।

**-କୃଷ୍ଣଚନ୍ଦ୍ର ରାଉତ, ରଘୁନାଥପୁର, ଭୁବନେଶ୍ୱର**

### କଳାକାରଙ୍କୁ ଗୁରୁତ୍ୱ ଦିଆଯାଉଛି



➲ କଳାକାରମାନଙ୍କ ବିଭିନ୍ନ ସମସ୍ୟା ରହିଛି। ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କ ସମସ୍ୟା ସମାଧାନ କରାଯିବାକୁ ଗୁରୁତ୍ୱ ଦିଆଯାଉଛି। କଳାକାରଙ୍କର ସମସ୍ୟା ଓ ଲୋକକଳାକୁ ଅନୁଧ୍ୟାନ କରାଯାଉଛି।

**-ଭୂପିନ୍ଦର ସିଂ ପୁନିଆ, ଜିଲାପାଳ, ଖୋର୍ଦ୍ଧା**

### ଲୁଟେରା ଝାମ୍ପି ନେଲେ ଟଙ୍କା, ମୋବାଇଲ

**ଖୋର୍ଦ୍ଧା ଅଫିସ,୧୫।୬**

ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ ଲୁଟେରା ସକ୍ରିୟ ରହିଥିଲେ ହେଁ ପୋଲିସର ପଦକ୍ଷେପ ନାହିଁ। ପୋଲିସକୁ ଚ୍ୟାଲେଞ୍ଜ ଦେଇ ଲୁଟେରାମାନେ ଗୋଟିଏ ପରେ ଗୋଟିଏ ଲୁଟ୍ କରି ଚାଲିଛନ୍ତି। ଶନିବାର ସକାଳ ୭ଟା ୪୫ ମିନିଟ୍‌ରେ ସ୍ଥାନୀୟ ଗାନ୍ଧୀନଗର ଅଞ୍ଚଳର ବିକ୍ରମ ସୁନ୍ଦରାୟଙ୍କ ପୁଅ ବିପିନ ବାଇକରେ ଯାଉଥିଲେ। ଏହି ସମୟରେ ଦୁଇଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଏକ ନମ୍ବର ବିହିନ କଳା ପଲସରେ ଆସି ବିପିନଙ୍କୁ ଅଟକାଇ ଧକ୍କା ମାରି ତାଙ୍କ ପକେଟରୁ ଏକ ଦାମୀ ମୋବାଇଲ ଓ ୯ ହଜାର ଟଙ୍କା ଲୁଟି ନେଇଥିଲେ। ପରେ ସାମନ୍ତରାପୁର ଅଞ୍ଚଳ ଦେଇ ଫେରାର ହୋଇଯାଇଥିଲେ। ବିପିନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଗତ ୧୫ଦିନ ତଳେ ଜଣେ ଆଇନଜୀବୀ ବାଇକ୍‌ରେ ଭାଣିଜୀଙ୍କୁ ବସାଇ ଯାଉଥିବା ସମୟରେ ମହିଳା ବିଦ୍ୟାଳୟ ନିକଟରେ କେତେଜଣ ଦୁର୍ବୃତ୍ତ ଭାଣିଜୀଙ୍କର ଭ୍ୟାନିଟି ଝାମ୍ପି ନେଇଥିଲେ। ସେଥିରେ ଟଙ୍କା, ମୋବାଇଲ, କିଛି ଦରକାରୀ କାଗଜପତ୍ର ଥିଲା।

■ ପଶ୍ଚିମବଙ୍ଗରେ ଡାକ୍ତରଙ୍କୁ ଆକ୍ରମଣ ଘଟଣା

## ଧାରଣା, କଳାବ୍ୟାଜ୍ ପିନ୍ଧି ପ୍ରତିବାଦ



ଡାକ୍ତରମାନେ କଳାବ୍ୟାଜ୍ ପିନ୍ଧି ଧାରଣା ଦେଇଛନ୍ତି।

**ଖୋର୍ଦ୍ଧା ଅଫିସ,୧୫।୬**

ପଶ୍ଚିମବଙ୍ଗରେ ଡାକ୍ତରଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦକୁ ସମର୍ଥନ କରି ଖୋର୍ଦ୍ଧାରେ ଡାକ୍ତରମାନଙ୍କ ପକ୍ଷରୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଶନିବାର ହୋଇଛି। କେତେଜଣ ଡାକ୍ତର ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ଧାରଣା ଦେଇଥିବାବେଳେ ଅନ୍ୟମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଥିଲେ। ଫଳରେ ରୋଗୀସେବା ବ୍ୟାହତ ହୋଇଥିଲା। ଅପରପକ୍ଷେ ଡାକ୍ତରଙ୍କୁ ବିଭିନ୍ନ ସମୟରେ ଆକ୍ରମଣ ହେଉଥିଲେ ମଧ ପ୍ରତିକାର ବ୍ୟବସ୍ଥା ଢିଲା ବୋଲି ଅଭିଯୋଗ ହୋଇଆସୁଛି। ଏଭଳିସ୍ଥିତିରେ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଉ ନ ଥିବାରୁ ଡାକ୍ତରମାନେ ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି। ଅନ୍ୟପକ୍ଷେ ସୋମବାର ସର୍ବଭାରତୀୟ ଧର୍ମଘଟରେ ସମସ୍ତ ଡାକ୍ତର ସାମିଲ ହେବେ ବୋଲି ଏଡିଏମ୍ଓ (ମେଡିକାଲ) ରଘୁନାଥ ନାୟକ ସୂଚନା ଦେଇଛନ୍ତି।

## ରତନପୁରରେ ଲୋକକଳା ଦିବସ

**ଖୋର୍ଦ୍ଧା ଅଫିସ,୧୫।୬**

ଟାଙ୍ଗୀ ବ୍ଲକ ରତନପୁରରେ ଶୁକ୍ରବାର ଆରମ୍ଭ ହୋଇଥିବା ଲୋକକଳା ଦିବସ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଆହ୍ୱାନ ଓ କଳିଙ୍ଗ କନ୍ୟା ପାଇକ ଆଖଡା ପକ୍ଷରୁ ଆୟୋଜିତ ଉତ୍ସବରେ ହୁଳହୁଳି, ଲୋକଗୀତ, ଲୋକନୃତ୍ୟ ପରିବେଷଣ ହୋଇଥିଲା। ଏଥିରେ ଶିକ୍ଷାବିତ୍ ପବିତ୍ର ପ୍ରଧାନ, ନାଏବ ସରପଞ୍ଚ ପ୍ରମୋଦ ସେଠୀ, ସାମାଜିକ କର୍ମୀ ଶତ୍ରୁଘ୍ନ ଜେନା, ସୁନୀତା ବେହେରା ଅତିଥି ରୂପେ ଯୋଗଦେଇଥିଲେ।

ବରୁଣେଇ ରଜ ମହୋତ୍ସବ ଉଦ୍‌ଘାଟିତ

## ସାଂସ୍କୃତିକ କାର୍ଯ୍ୟ ମନମୋହିଲା

**ଖୋର୍ଦ୍ଧା ଅଫିସ,୧୫।୬**

ପାରମ୍ପରିକ ରଜକୁ ଉଜ୍ଜୀବିତ ରଖିବା ଲାଗି ଦିଶାନ୍ତ ଅନୁଷ୍ଠାନ ଆନୁକୂଲ୍ୟରେ ଖୋର୍ଦ୍ଧା ସହରର ବରୁଣେଇ ଶକ୍ତିପୀଠରେ ଆରମ୍ଭ ହୋଇଛି ୧୩ତମ ବରୁଣେଇ ରଜ ମହୋତ୍ସବ-୨୦୧୯। ମହୋତ୍ସବ କମିଟିର ସଭାପତି ତଥା ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପାରମ୍ପରିକ, ସାଂସ୍କୃତିକ ମହୋତ୍ସବରେ ଶିଳ୍ପ, ଶକ୍ତି ଓ ଘରୋଇ ବିଭାଗ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବନ୍ଧେ ପୋଲିସ କମିଶନର ଅରୂପ ମୋହନ ପଟ୍ଟନାୟକ ଓ ସମ୍ମାନିତ ଅତିଥି ରୂପେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗ ଦେଇଥିଲେ। ଦିଶାନ୍ତର ସମ୍ପାଦକ ଦିଲୀପ କୁମାର ପରିଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁରୀ ନୃତ୍ୟରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ସୋନପୁରର ଦୟାଲ ସଙ୍ଗୀତ ଏକାଡେମୀର କଳାକାରମାନଙ୍କ ପ୍ରାରମ୍ଭରେ ସମ୍ବଲପୁରୀ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ପରେ ମଞ୍ଚରେ ଓଡିଶୀ ନୃତ୍ୟ, ଆଧୁନିକ ନୃତ୍ୟ, ରଜ ନୃତ୍ୟ ଆଦି ପରିବେଷଣ ହୋଇଥିଲା। ସେହିଭଳି ଚିଲିକା ରାଣୀ ପାଇକ ଆଖଡା ସଂଘ ପକ୍ଷରୁ ସାମରିକ କଳା ପ୍ରଦର୍ଶନ ଦର୍ଶକଙ୍କ ମନ ମୋହିଥିଲା। ଏହାସହ ପରମ୍ପରାକୁ ବଞ୍ଚାଇ ରଖିବା ଲାଗି ଅନୁଷ୍ଠାନ ପକ୍ଷରୁ ହୁଳହୁଳି, ଝୋଟି ଆଦି ପ୍ରତିଯୋଗିତା ହୋଇଥିଲା। ଝୋଟିରେ ମିକୁନା ପୃଷ୍ଟି, ହୁଳହୁଳିରେ ଉର୍ମିଳା ସାହୁ, ପାନରେ କଲ୍ୟାଣୀ ପଟ୍ଟନାୟକ ପ୍ରଥମ ସ୍ଥାନ ଅକ୍ତିଆର କରି ପୁରସ୍କୃତ ହୋଇଥିଲେ। ୨ୟ ଓ ତୃତୀୟ ସ୍ଥାନରେ ରହିଥିବା ପ୍ରତିଯୋଗୀ ମଧ ପୁରସ୍କୃତ ହୋଇଛନ୍ତି। ଗୋପାଳକୃଷ୍ଣ ଦାସ ସ୍ୱାଗତ ଭାଷଣ ଓ ନିରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।



ବରୁଣେଇ ରଜ ମହୋତ୍ସବକୁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଉଦ୍‌ଘାଟନ କରୁଛନ୍ତି।



ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ।

### ଫାଣ୍ଡି ଥାନା ହେବାକୁ ମିଳିଲା ପ୍ରତିଶ୍ରୁତି

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଫାଣ୍ଡି ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନରେ ରହିଛି। ବରୁଣେଇ ପରି ପର୍ଯ୍ୟଟନସ୍ଥଳ ଓ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାଇ ବି ଫାଣ୍ଡି କାର୍ଯ୍ୟ କରୁଛି। ଏଣୁ ଶିଳ୍ପାଞ୍ଚଳ ଫାଣ୍ଡିକୁ ଥାନାର ମାନ୍ୟତା ଦେବା ପାଇଁ ଶିଳ୍ପ, ଶକ୍ତି ଓ ଘରୋଇ ବିଭାଗ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଖୋର୍ଦ୍ଧା ବିଧାୟକ ମଞ୍ଚରେ ଅବଗତ କରାଇଥିଲେ। ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ଯେ, ସରକାରୀ ଗାଇଡଲାଇନରେ ଆସୁଥିଲେ ଫାଣ୍ଡି ଥାନାର ମାନ୍ୟତା ପାଇବ ଏଥିରେ ସନ୍ଦେହ ନାହିଁ। ସେହିପରି ଫନୀ ବରୁଣେଇ ଜଙ୍ଗଲର ବ୍ୟାପକ କ୍ଷୟକ୍ଷତି କରିବା ସହ ଖୋର୍ଦ୍ଧା ଜିଲାର ମାନଚିତ୍ର ବଦଳାଇ ଦେଇଛି। ଏ ଦିଗରେ ପଦକ୍ଷେପ ନେବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ଖୋର୍ଦ୍ଧା ବିଧାୟକ କରିଥିଲେ। ୬ଟି ଜିଲାର ଫନୀ ବ୍ୟାପକ କ୍ଷୟକ୍ଷତି କରିଛି। ୫ଟି ଜିଲାରେ ବିଜୁଳି ପହଞ୍ଚି ସାରିଲାଣି। ପୁରୀ ଓ ଖୋର୍ଦ୍ଧା ଜିଲାର କିଛି ଅଞ୍ଚଳରେ ବିଦ୍ୟୁତ୍ ପହଞ୍ଚି ପାରିନାହିଁ। ବିଦ୍ୟୁତ୍ ଯୋଗାଇବା ପାଇଁ ୨୪ ଘଣ୍ଟା ସେବା ଜାରି ରହିଛି। ଆଗାମୀ କିଛିଦିନ ମଧ୍ୟରେ ବିଜୁଳି ଯୁଦ୍ଧକାଳୀନ ଭିତ୍ତିରେ ପହଞ୍ଚାଇବାକୁ ପଦକ୍ଷେପ ନିଆଯାଉଛି। ଆଗାମୀ ବଜେଟରେ ବିଦ୍ୟୁତ୍ ବିଭାଗରେ ଅଧିକ ବ୍ୟୟ ବରାଦ ପାଇଁ ଚେଷ୍ଟା ଜାରି ରହିଛି। ସେହିଭଳି ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଅଧିକ ଶିଳ୍ପ ପ୍ରତିଷ୍ଠା ପାଇଁ ମଖ୍ୟମନ୍ତ୍ରୀ ଓ ସ୍ଥାନୀୟ ବିଧାୟକଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ। ସ୍ଥାନୀୟ ଯୁବକମାନେ କିପରି ଆତ୍ମନିଯୁକ୍ତି ପାଇପାରିବେ ସେନେଇ ବ୍ୟବସ୍ଥା କରାଇବେ। ସାଇଣ୍ଟିଫିକ୍ ପଦ୍ଧତିରେ ଭିତ୍ତିଭୂମିକୁ ବିକାଶ କରାଯାଇ ବାତ୍ୟାକୁ ପ୍ରତିରୋଧ କରାଯାଇ କ୍ଷୟକ୍ଷତିକୁ ରୋକାଯିବାର ପ୍ରୟାସ ଆରମ୍ଭ ହୋଇଛି।

### ଦୋଳି ନ ଥାଇ ରଜ ମହୋତ୍ସବ

ରଜ ମହୋତ୍ସବ ପାଳନ ହେଉଛି ହେଲେ ବରୁଣେଇରେ ଦୋଳିର ବ୍ୟବସ୍ଥା ନାହିଁ। ଦୋଳି ନ ହେବାର ଦୋଷ ବାତ୍ୟା ଫନୀକୁ ଦିଆଯାଇଛି। ଫନୀ ପ୍ରକୋପରେ ଗଛ ଭାଙ୍ଗିଯିବାରୁ ଦୋଳି କରାଯାଇ ପାରିନାହିଁ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ମହୋତ୍ସବର ୨ୟ ଦିବସରେ ରଜ ଦୋଳି କରାଯିବ ବୋଲି ସମ୍ପାଦକ ଦିଲୀପ ପରିଡା କହିଛନ୍ତି। ତେବେ କାର୍ଯ୍ୟକ୍ରମରେ ରଜଦୋଳି ପ୍ରତିଯୋଗିତା ରହିଥିଲେ ହେଁ ଏହା ଶନିବାର କରାଯାଇ ପାରିନାହିଁ।

■ ଟ୍ୟୁମର ରୋଗରେ ପୀଡ଼ିତ ସୁଶାନ୍ତ

## ଚିକିତ୍ସା ପାଇଁ ସରକାରୀ ସହାୟତା ଦାବି

**ଟାଙ୍ଗୀ(ଖୋର୍ଦ୍ଧା),୧୫।୬(ଡି.ଏନ୍.ଏ.)**



ଟାଙ୍ଗୀ ପଞ୍ଚାୟତ ପଥରବନ୍ଧ ଗ୍ରାମର ଜଣେ ଗରିବ ଯୁବକ ସୁଶାନ୍ତ ପଟ୍ଟନାୟକ(୪୦) ଟ୍ୟୁମର ରୋଗରେ ପୀଡ଼ିତ ହୋଇ କଷ୍ଟ ପାଉଛନ୍ତି। ସେ ଜଣେ ଦିନମଜୁରିଆ ହୋଇଥିବାରୁ ଘୋର ଆର୍ଥିକ ସଙ୍କଟ ଯୋଗୁ ଉପଯୁକ୍ତ ଚିକିତ୍ସା କରିପାରୁନାହାନ୍ତି। ସୁଶାନ୍ତଙ୍କ ୩ ଝିଅ ଶୁଭଲକ୍ଷ୍ମୀ, ରାଜେଶ୍ୱରୀ, ଅଞ୍ଜଳି ଓ ସ୍ତ୍ରୀଙ୍କ ସହ ସୁଖଦୁଃଖରେ ଦିନ ବିତିଯାଉଥିଲା। ୨ ବର୍ଷ ପୂର୍ବେ ପେଟରେ ଟ୍ୟୁମର୍ ହୋଇଥିବା ଜାଣି ପ୍ରଥମେ ଟାଙ୍ଗୀ ଓ ପରେ ଭୁବନେଶ୍ୱରରେ ଅପରେଶନ୍ କରି ସୁସ୍ଥ ହୋଇ ଘରକୁ ଫେରିଥିଲେ। ତେବେ ପୁଣି ଟ୍ୟୁମରଟି ବଢ଼ି ଅଧିକ ଯନ୍ତ୍ରଣାଦାୟକ ହେଲା। ଉନ୍ନତମାନର ଅପରେଶନ ପାଇଁ ଅଧିକ ଅର୍ଥର ଆବଶ୍ୟକତା ରହିଛି ବୋଲି ଡାକ୍ତର କହିଛନ୍ତି। ଏ ପରିସ୍ଥିତିରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ଜିତେନ୍ଦ୍ର କୁମାର ସାହୁଙ୍କୁ ଅବଗତ କରାଯିବା ପରେ ସେ ସହଯୋଗ ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ସୁଶାନ୍ତ ରହିବା ପାଇଁ ଭଲ ଘର ଖଣ୍ଡିଏ ମଧ ନାହିଁ। ତେଣୁ ଏଭଳି ପରିସ୍ଥିତିରେ ତାଙ୍କ ପାଇଁ ଆବାସ ଯୋଜନାଭୁକ୍ତ ଘର ସହ ଚିକିତ୍ସା ନିମନ୍ତେ ସରକାରଙ୍କ ପକ୍ଷରୁ ତୁରନ୍ତ ସହାୟତା ନେଇ ଗ୍ରାମବାସୀ ଦାବି କରିଛନ୍ତି।

## ଟାଙ୍ଗୀରେ ବାଦୀପାଲା

**ଟାଙ୍ଗୀ (ଖୋର୍ଦ୍ଧା), ୧୫।୬(ଡି.ଏନ୍.ଏ.)**

ରାଜ୍ୟର ପ୍ରସିଦ୍ଧ ଗଣପର୍ବ ରଜ ଅବସରରେ ଟାଙ୍ଗୀର କୈବର୍ତ୍ତ ସଂଘ ତରଫରୁ ସ୍ଥାନୀୟ ବଳରାମଦେବଙ୍କ ମନ୍ଦିର ପରିସରରେ ୫ ଦିନ ବ୍ୟାପୀ ବାଦିପାଲା ଅନୁଷ୍ଠିତ ହେଉଛି। ଏଥିରେ ଗାୟକ ଗୁଣନିଧି ବସ୍ତ କୁମାର ମିଶ୍ର ଓ ଗାୟକ ସମ୍ରାଟ ହରିହର ଜେନା ପ୍ରମୁଖ ପାଲା ପରିବେଷଣ କରୁଛନ୍ତି। ବହୁ ସଂଖ୍ୟକ ପାଲାପ୍ରେମୀ ଏହି କାର୍ଯ୍ୟକ୍ରମ ଉପଭୋଗ କରୁଥିବା ଦେଖାଯାଉଛି।

# ବେଗୁନିଆରେ ରଜ ମଉଜ: ଖେଳିଲେ, ନାଚିଲେ

**ବେଗୁନିଆ,୧୫।୬(ଡି.ଏନ୍.ଏ.)**

ରଜ ଉତ୍ସବର ଶନିବାର ଥିଲା ୨ୟ ଦିବସ ତଥା ରଜ ସଂକ୍ରାନ୍ତି। ଏହି ଅବସରରେ ବେଗୁନିଆ ବ୍ଲକର ବିଭିନ୍ନ ସ୍ଥାନରେ ରଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦିନରେ ଡିଜେ, ପିଠା, ସଙ୍ଗୀତ, କବାଡି ଏବଂ ରାତିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ପର୍ଯ୍ୟଟନସ୍ଥଳୀ ମା' ରାମଚଣ୍ଡୀଙ୍କ ପୀଠ ପୁରାତନ ପରମ୍ପରା ଅନୁଯାୟୀ ସଂକ୍ରାନ୍ତି ଅବସରରେ ଉତ୍ସବମୁଖର ହୋଇ ଉଠିଛି।



ପତିତପାବନ ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜଣେ ଝିଅ ଗୀତ ବୋଲୁଛନ୍ତି।





ରାମଚଣ୍ଡୀଙ୍କ ପୀଠରେ ଭିଡ଼।

### ମା' ରାମଚଣ୍ଡୀଙ୍କ ରଜ ସଂକ୍ରାନ୍ତି ଯାତ୍ରା

ରାଜ୍ୟ ପର୍ଯ୍ୟଟନସ୍ଥଳ ଭାବେ ପରିଚିତ ବେଗୁନିଆ ବ୍ଲକ ମା' ରାମଚଣ୍ଡୀଙ୍କ ପୀଠ ଅନ୍ୟତମ। ମା'ଙ୍କ ରଜ ସଂକ୍ରାନ୍ତିଯାତ୍ରା ପାଇଁ ଏଠାକୁ ବିଭିନ୍ନ ଅଞ୍ଚଳରୁ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆସିଥାନ୍ତି ବହୁ କୁମାରୀ। ଶନିବାର ପାରମ୍ପରିକ ରୀତିନୀତିରେ ଭୋର୍‌ରୁ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। ସକାଳ ପ୍ରାୟ ୮ଟାରୁ ଏଠାରେ ଶ୍ରଦ୍ଧାଳୁମାନଙ୍କ ଭିଡ ଜମିଥିଲା। ବିଭିନ୍ନ ସ୍ଥାନରୁ ମାନସିକଧାରୀମାନେ ମା'ଙ୍କ ପୀଠକୁ ଆସି ଦର୍ଶନ କରିଥିଲେ। ଦୋଳି ଖେଳିବା ସହ ପାହାଡ ଉହାଡରେ ଥିବା ବାଘ ଗୁମ୍ଫା ବୁଲି ଦେଖିଥିଲେ। ପୀଠ ପରିସରରେ ଥିବା ଯାତ୍ରା ପଡିଆରେ ପଡିଥିବା ବିଭିନ୍ନ ଷ୍ଟଲରୁ ମନୋହର ଜିନିଷ କ୍ରୟ କରି ଘରକୁ ଫେରିଥିଲେ। ତେବେ ମା'ଙ୍କ ସନ୍ଧ୍ୟା ଆଳତି ଦେଖିବା ପାଇଁ ୫ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



ମା' ବରମୂଳେଇ ପୀଠରେ ରଜ ଅବସରରେ ଝିଅମାନେ ପାନ ଖାଇ ମଜା ନେଉଛନ୍ତି।

### କଣ୍ଟାବାଡ଼ରେ ମୁକ୍ତ ମଞ୍ଚ ନାଟକ ପରିବେଷଣ

ପ୍ରତିବର୍ଷ ଭଳି ଚଳିତବର୍ଷ କଣ୍ଟାବାଡ ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ନାଟ୍ୟ ପରିଷଦ ପକ୍ଷରୁ ରଜ ଉତ୍ସବ ପାଳିତ ହୋଇଛି। ରଜ ସଂକ୍ରାନ୍ତି ଅବସରରେ ୨ୟ ରାତ୍ରିରେ ଶନିବାର ମୁକ୍ତ ମଞ୍ଚ ନାଟକ ପରିବେଷଣ କରାଯାଇଥିଲା। ଏହି ଅବସରରେ ଆୟୋଜକ ଅନୁଷ୍ଠାନ ପକ୍ଷରୁ ସଙ୍ଗୀତ କଳାକାର ପ୍ରଫୁଲ୍ଲ ଦେଉରି ଏବଂ ନାଟ୍ୟ ନିର୍ଦ୍ଦେଶକ ନୀହାର ରଞ୍ଜନ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିନରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ସ୍ଥାନୀୟ ମହିଳା, ଯୁବତୀମାନେ ଭାବ ନେଇ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ନୂଆସାହିରେ ରଜ ଉତ୍ସବ

'ରଜ ଦୋଳି କଟମଟ ମୋ ଭାଇ ମୁଣ୍ଡରେ ସୁନା ମୁକୁଟ', 'ବରଷକେ ଥରେ ଆସିଛି ରଜ' ଏଭଳି ଲୋକା ଗୀତ ଗାଇ ନୂଆସହିର କୁମାରୀମାନେ ଶନିବାର ରଜ ସଂକ୍ରାନ୍ତି ଉତ୍ସାହର ସହ ପାଳନ କରିଥିଲେ। ବିଭିନ୍ନ ବେଶଭୂଷାରେ ଯୁବତୀ, ମହିଳାମାନେ ସଜେଇ ହୋଇ ଦଧିବାମନ ଜୀଉଙ୍କ ଆମ୍ବ ତୋଡ ପରିସରରେ ଦୋଳି ଖେଳିବା ସହ ଭଳିକିଭଳିପିଠା, ପାନର ମଜା ନେଇଥିଲେ। ମହିଳାମାନଙ୍କ ମଧ୍ୟରେ ହୁଳହୁଳି ଏବଂ କାନ୍ଦଣା ଆଦି ପ୍ରତିଯୋଗିତାରେ ୬୦ ଜଣ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଆୟୋଜିତ କରିଥିଲେ ପତିତପାବନ ଯୁବକ ସଂଘ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଉପଦେଷ୍ଟା ଶିକ୍ଷକ ଦିବାକର ସାହୁ। ପଡିଆରେ ଖୋଲିଥିବା ପାନ ଷ୍ଟଲରୁ କୁମାରୀମାନେ ରଜପାନ ଖାଇ ମଜ୍ଜା ଉଠାଇଥିଲେ। ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ, ଧୁଡୁକି ସହ ଡ୍ୟାନ୍ସ କାର୍ଯ୍ୟକ୍ରମ ଦେଖି ଦର୍ଶକ ବିଭୋର ହୋଇଥିଲେ।



ପତିତପାବନ ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ପିଠା ପ୍ରତିଯୋଗିତାରେ ଉପସ୍ଥିତ ଅତିଥି।



ଈଶ୍ୱର ନାମ ଆଗରେ ଜାତି ଧର୍ମର ବିଦ୍ୱେଷ ରହିବା ଉଚିତ୍ ନୁହେଁ।
- ଗୁରୁ ନାନକ



## ସଂକ୍ଷେପରେ



### ମା' ମଙ୍ଗଳାଙ୍କ ପୀଠ ଉତ୍ସବମୁଖର

କାକଟପୁର, ୧୫।୬(ଡି.ଏନ.ଏ.)-ପୁରୀ ଜିଲା କାକଟପୁର ମା' ମଙ୍ଗଳାଙ୍କ ପୀଠ ରଜସଂକ୍ରାନ୍ତି ଅବସରରେ ଉତ୍ସବ ମୁଖର ହୋଇଉଠିଛି। ବିଶେଷକରି ଝିଅବୋହୂମାନେ ନୂଆ ବସ୍ତ୍ର ପିନ୍ଧି ମା'ଙ୍କ ପୂଜାର୍ଚ୍ଚନା କରିଛନ୍ତି। ଶନିବାର ପୂଜାପଣ୍ଡା ରଘୁନାଥ ଦୀକ୍ଷିତ ମା'ଙ୍କୁ ଚନ୍ଦନବେଶ କରିଥିବାବେଳେ ପ୍ରାତଃରୁ ମନ୍ଦିରରେ ପ୍ରବଳ ଭିଡ଼ ଲାଗିରହିଥିଲା। ଅସ୍ତରଙ୍ଗ ବ୍ଲକ ଅଞ୍ଚଳର କୁଣ୍ଡେଶ୍ୱର ଏବଂ କାକଟପୁର ବ୍ଲକର ବାଜପୁର ଗାଁରେ ବେଶ ଉତ୍ସାହ ଉଦ୍ଦୀପନାର ସହ ରଜ ଉତ୍ସବ ପାଳନ କରାଯାଉଛି। କୁଣ୍ଡେଶ୍ୱର ଗାଁର କୁମାରୀମାନେ କଣ୍ଢେଇ ବାହାଘର ଧୂମଧାମ କରିଥିବାବେଳେ ବାଜପୁରରେ ଦୋଳିର ମଜା ନେଉଛନ୍ତି କୁମାରୀମାନେ।

### ରଜ ସାହିତ୍ୟ ଆସର

ପୁରୀ ଅଫିସ,୧୫।୬: ସୃଜନୀ ସାହିତ୍ୟ ସଂସଦ ପକ୍ଷରୁ ଗୋୟଙ୍କା ଧର୍ମଶାଳା ପରିସରରେ ଶନିବାର ରଜ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ସଭାପତି ଡ. କାର୍ତ୍ତିକ କୁମାର ଦାସ ସଭାପତିତ୍ୱ କରିଥିବାବେଳେ କବି ହରେକୃଷ୍ଣ ପ୍ରଧାନୀ ଅତିଥି ଭାବେ ଯୋଗଦେଇ ପ୍ରାଚୀନ ଓ ଆଧୁନିକ ସାହିତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ କୃଷ୍ଣଚନ୍ଦ୍ର ରଥ ଯୋଗଦେଇ କହିଥିଲେ, ସାମାଜିକ ପରିବର୍ତ୍ତନରେ ସାହିତ୍ୟର ଏକ ପ୍ରମୁଖ ଭୂମିକା ରହିଛି। ଲେଖକ ଅଶୋକ କୁମାର ମହାପାତ୍ର, ଅଶୋକ ଆଢ଼୍ୟଙ୍କ ସମେତ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ତ୍ରିନାଥ ଦାଶ, ହଟକିଶୋର ମଲ୍ଲିକ, ରାଧାକୃଷ୍ଣ ପ୍ରଧାନୀ, ରଞ୍ଜନ କୁମାର ଦାଶ, ରମାକାନ୍ତ କର, ଡ. ବଳରାମ ଦାଶ, ଲଲାଟେନ୍ଦୁ ମିଶ୍ର, ହେମାଙ୍ଗିନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ବାବା ମଧୁସୂଦନଙ୍କ ଜନ୍ମ ଶତବାର୍ଷିକୀ ଉଦ୍‌ଯାପିତ

ଗୋପ, ୧୫।୬(ଡି.ଏନ୍.ଏ.): ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ସ୍ଥିତ ପ୍ରାଚୀ ଗୁରୁଧର୍ମ କ୍ଷେତ୍ର ପରିସରରେ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଉତ୍ସବରେ ପରମହଂସ ସ୍ୱାମୀ ପ୍ରଜ୍ଞାନାନନ୍ଦ ଜୀ ମହାରାଜ, ମହନ୍ତ ରାମକୃଷ୍ଣ ଦାସ, ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ମହନ୍ତ ଚିନ୍ତାମଣି ପର୍ବତ ପ୍ରମୁଖ ଯୋଗଦେଇଥିଲେ। ଏହି ତ୍ରିଦିବସୀୟ ଉତ୍ସବକୁ ଗଜପତି ମହାରାଜା ଦିବ୍ୟସିଂହ ଦେବ ଉଦ୍‌ଘାଟନ କରିଥିଲେ। ଗୁରୁଦେବଙ୍କ ଆସନ ମନ୍ଦିରରୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ମଣ୍ଡପକୁ ପାଦୁକା ଅଣାଯାଇଥିଲା। ବିଭିନ୍ନ ସମୟରେ ଅତିଥି ଭାବେ ରାଜନେତାଙ୍କ ସମେତ ବହୁ ସାଧୁସନ୍ଥ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଦେଶର କୋଣ ଅନୁକୋଣରୁ ବହୁ ସାଧୁସନ୍ଥଙ୍କ ସମାବେଶ ହୋଇଥିଲା। ଯୋଗ ଦେଇଥିଲେ। ଏହାକୁ ସେବକ ତଥା ପ୍ରଚାରକ ପ୍ରୀତିରଞ୍ଜନ ଦାସ ପରିଚାଳନା କରିଥିଲେ।

# କଣାସରେ ସର୍ବାଧିକ ୧୫,୫୨୩ ଘର କ୍ଷତିଗ୍ରସ୍ତ

**ପୁରୀ ଜିଲା**

■ ବ୍ରହ୍ମଗିରିରେ ଅଧିକ କୁଡ଼ିଆ, ସତ୍ୟବାଦୀରେ ଗୁହାଳ ଭାଙ୍ଗିଛି

ପୁରୀ ଅଫିସ,୧୫।୬:

ପୁରୀ ଜିଲାରେ ବାତ୍ୟା ଫନୀ ସବୁଠୁ ଅଧିକ କ୍ଷୟକ୍ଷତି କରିଛି। ବହୁ ସଂଖ୍ୟାରେ ଘର, ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଛି। ଏ ପର୍ଯ୍ୟନ୍ତ ଅନେକ ବିପନ୍ନ ଖୋଲା ଆକାଶ ତଳେ ରହିଛନ୍ତି। ସରକାରଙ୍କ ପକ୍ଷରୁ ଘରଭଙ୍ଗା କ୍ଷୟକ୍ଷତି ଆକଳନ କରାଯାଇଛି। ମିଳିଥିବା ରିପୋର୍ଟ ଅନୁଯାୟୀ, ଜିଲାରେ ମୋଟ ୨,୭୮,୭୬୨ ଘର କ୍ଷତିଗ୍ରସ୍ତ ହୋଇଛି। ତନ୍ମଧ୍ୟରେ ୭୪ଟି ପକ୍କାଘର, ୮,୯୮୫ଟି କଚ୍ଚାଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ ୬,୧୨୭ଟି ପକ୍କାଘର ଏବଂ ୯୮,୫୮୮ କଚ୍ଚାଘର ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଛି। ସେହିପରି ୧,୧୩,୨୮୧ଟି ପକ୍କାଘର, ୪୯,୫୨୯ଟି କଚ୍ଚାଘର ଆଂଶିକ କ୍ଷତି ହୋଇଥିବାବେଳେ ୨,୧୭୮ଟି କୁଡ଼ିଆ କ୍ଷତିଗ୍ରସ୍ତ ହୋଇଛି। କଣାସ ବ୍ଲକରେ ସର୍ବାଧିକ ୧୫,୫୨୩ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଛି।

ଗତ ୧୨ତାରିଖରେ ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟର ସମୀକ୍ଷା କରିଛନ୍ତି ଜାତୀୟ ଦୁର୍ବିପାକ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ)ଙ୍କ ଏକ ପ୍ରତିନିଧି ଦଳ। ଏହି ଅବସରରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଘର କ୍ଷୟକ୍ଷତି ସଂକ୍ରାନ୍ତ ରିପୋର୍ଟ ପ୍ରଦାନ କରାଯାଇଥିଲା। ଏହି ରିପୋର୍ଟ ଅନୁଯାୟୀ, କଣାସ ବ୍ଲକରେ ସର୍ବାଧିକ ୧୫,୫୨୩ ପକ୍କା ଓ କଚ୍ଚାଘର ସମ୍ପୂର୍ଣ୍ଣ କ୍ଷତି ହୋଇଥିବାବେଳେ ୧୩,୧୯୬ ପକ୍କା ଓ ୫,୬୫୫ଟି କଚ୍ଚା ଘର ଆଂଶିକ କ୍ଷତି ହୋଇଛି। ପୁରୀ ସଦରରେ ୧୩,୮୧୧ ପକ୍କା ଓ କଚ୍ଚାଘର ସମ୍ପୂର୍ଣ୍ଣ, ୧୮,୬୩୪ ପକ୍କା ଓ ୨୫୮ କଚ୍ଚାଘର ଆଂଶିକ କ୍ଷତି ଘଟିଛି। ପୁରୀ ପୌରାଞ୍ଚଳରେ ୧୩,୬୭୨ଟି ପକ୍କା ଓ କଚ୍ଚାଘର ସମ୍ପୂର୍ଣ୍ଣ, ୧୫,୬୧୨ଟି ପକ୍କା ଓ ୧୪୪ଟି କଚ୍ଚାଘର ଆଂଶିକ କ୍ଷତି ହୋଇଛି। ନିମାପଡ଼ା ଏନ୍‌ଏସିରେ ୪୯୯ ପକ୍କା ଓ କଚ୍ଚାଘର ସମ୍ପୂର୍ଣ୍ଣ, ୮୦୪ ପକ୍କା ଓ ୪୫୯ କଚ୍ଚାଘର ଆଂଶିକ ନଷ୍ଟ ହୋଇଛି। ନିମାପଡ଼ା ବ୍ଲକରେ ୮,୨୪୫ ପକ୍କା ଓ କଚ୍ଚାଘର ସମ୍ପୂର୍ଣ୍ଣ, ୧୪,୯୧୩ଟି ପକ୍କା ଓ ୩,୩୬୩ କଚ୍ଚାଘର ଆଂଶିକ ପ୍ରଭାବିତ ହୋଇଛି। ଅସ୍ତରଙ୍ଗ ବ୍ଲକରେ ୧,୨୫୨ ପକ୍କା ଓ କଚ୍ଚାଘର ସମ୍ପୂର୍ଣ୍ଣ, ୫ଟି ପକ୍କା ଓ ୧,୮୦୯ଟି କଚ୍ଚାଘର ଆଂଶିକ ନଷ୍ଟ ହୋଇଛି। ପିପିଲି ବ୍ଲକରେ ୭,୨୮୬ଟି ପକ୍କା ଓ କଚ୍ଚାଘର ସମ୍ପୂର୍ଣ୍ଣ, ୧,୧୪୩ ପକ୍କା ଓ ୧୩,୮୪୭ କଚ୍ଚାଘର ଆଂଶିକ କ୍ଷତି ଘଟିଛି। ବ୍ରହ୍ମଗିରି ବ୍ଲକରେ ୧୦,୦୪୪ ପକ୍କା ଓ କଚ୍ଚାଘର ସମ୍ପୂର୍ଣ୍ଣ, ୧୪,୮୬୭ ପକ୍କା ଏବଂ ୩,୬୯୪ କଚ୍ଚାଘର ଆଂଶିକ କ୍ଷତି ହୋଇଛି। ସାତପଡ଼ା ଅଞ୍ଚଳରେ ୨,୦୮୧ ପକ୍କା ଓ କଚ୍ଚାଘର ସମ୍ପୂର୍ଣ୍ଣ, ୩,୨୬୪ ପକ୍କା ଓ ୧,୨୨୮ କଚ୍ଚା ଘର ଆଂଶିକ ନଷ୍ଟ ହୋଇଛି। ଡେଲାଙ୍ଗ ବ୍ଲକରେ ୧୩,୪୬୫ଟି ପକ୍କା ଓ କଚ୍ଚା ଘର ସମ୍ପୂର୍ଣ୍ଣ, ୪,୩୭୪ ପକ୍କା ଓ ୬,୨୪୮ କଚ୍ଚାଘର ଆଂଶିକ କ୍ଷତି ଘଟିଛି। କୃଷ୍ଣପ୍ରସାଦ ବ୍ଲକରେ ୧,୯୧୩ଟି କଚ୍ଚା ଓ ପକ୍କା ଘର ସମ୍ପୂର୍ଣ୍ଣ, ୪,୪୬୫ ପକ୍କା ଓ ୩,୬୨୯ଟି କଚ୍ଚା ଘର ଆଂଶିକ ନଷ୍ଟ ହୋଇଛି। କାକଟପୁରରେ ୨,୫୪୦ ପକ୍କା ଓ କଚ୍ଚାଘର ସମ୍ପୂର୍ଣ୍ଣ, ୬,୨୬୭ ପକ୍କା ଓ ୩,୯୪୯ କଚ୍ଚାଘର ଆଂଶିକ କ୍ଷତି ଘଟିଛି। ଗୋପ ବ୍ଲକରେ ୧୨,୮୯୫ ପକ୍କା ଓ କଚ୍ଚାଘର ସମ୍ପୂର୍ଣ୍ଣ, ୧,୫୦୦ ପକ୍କା ଓ ୭୮ କଚ୍ଚାଘର ଆଂଶିକ ନଷ୍ଟ ହୋଇଛି। କୋଣାର୍କ ଏନ୍‌ଏସିରେ ୧,୫୪୪ ପକ୍କା ଓ କଚ୍ଚାଘର ସମ୍ପୂର୍ଣ୍ଣ, ୪୦୧ ପକ୍କା ଓ ୩୦୯ କଚ୍ଚାଘର ଆଂଶିକ କ୍ଷତି ଘଟିଛି। ସତ୍ୟବାଦୀ ବ୍ଲକରେ ୮,୨୮୪ ପକ୍କା ଓ କଚ୍ଚାଘର ସମ୍ପୂର୍ଣ୍ଣ, ୧୩,୮୩୬ ପକ୍କା ଓ ୩,୭୭୭ କଚ୍ଚାଘର ଆଂଶିକ କ୍ଷତି ଘଟିଛି। ବ୍ରହ୍ମଗିରି ବ୍ଲକରେ ସବୁଠୁ ଅଧିକ ୫୯୦ କୁଡ଼ିଆ ଭାଙ୍ଗିଛି। ପୁରୀ ପୌରାଞ୍ଚଳରେ ୩୬୬, ପୁରୀ ସଦରରେ ୧୭୧, ନିମାପଡ଼ା ଏନ୍‌ଏସିରେ ୧୩୮, ନିମାପଡ଼ାରେ ୨୪୨, କୃଷ୍ଣପ୍ରସାଦରେ ୨୫, ପିପିଲିରେ ୧୫୦, ଡେଲାଙ୍ଗରେ ୧୦୩, କାକଟପୁରରେ ୯୬, ଗୋପରେ ୧୭୫, କୋଣାର୍କ ଏନ୍‌ଏସିରେ ୧୨ ଏବଂ ସତ୍ୟବାଦୀ ବ୍ଲକରେ ୧୧୦ଟି କୁଡ଼ିଆ ଭାଙ୍ଗିଛି। ସତ୍ୟବାଦୀ ବ୍ଲକରେ ୧୧,୬୨୬, ପୁରୀ ସଦରରେ ୧୦,୨୨୧, ନିମାପଡ଼ାରେ ୧,୯୭୪, ଅସ୍ତରଙ୍ଗରେ ୩,୧୭୭, ପିପିଲିରେ ୫୭୦, କଣାସରେ ୭,୧୧୧, ବ୍ରହ୍ମଗିରିରେ ୧,୨୯୫, ସାତପଡ଼ାରେ ୧୯୦, ଡେଲାଙ୍ଗରେ ୧,୩୮୮, କୃଷ୍ଣପ୍ରସାଦରେ ୩୬୨, କାକଟପୁରରେ ୩,୭୦୪, ଗୋପରେ ୨,୫୮୨, କୋଣାର୍କ ଏନ୍‌ଏସିରେ ୨୧୪ଟି ଗୁହାଳ କ୍ଷତିଗ୍ରସ୍ତ ହୋଇଛି।

## ଦାଣ୍ଡମୁକୁନ୍ଦପୁରରେ ବାଣ ପ୍ରତିଯୋଗିତା



ବାଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଗ୍ରାମବାସୀ।

ପିପିଲି, ୧୫।୬(ଡି.ଏନ୍.ଏ.)

ପିପିଲି ନିକଟବର୍ତ୍ତୀ ଦାଣ୍ଡମୁକୁନ୍ଦପୁରରେ ଅବସ୍ଥିତ ଶ୍ରୀଶ୍ରୀ ଗୋପାଳଜୀଉଙ୍କ ରୁକ୍ମିଣୀ ବିବାହ ତଥା ବାଣ ଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ରୁକ୍ମିଣୀଙ୍କର ବିବାହ କାର୍ଯ୍ୟ ଶେଷ ହେବାପରେ ନୀଳକଣ୍ଠେଶ୍ୱର, ବାଲୁଙ୍କେଶ୍ୱର, ମଦନମୋହନଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ବିମାନରେ ବିଜେ କରି ଶୋଭାଯାତ୍ରାରେ ଗ୍ରାମ ବୁଲି ଭୋଗ ଖାଇଥିଲେ। ପରେ ଜାତୀୟ ରାଜପଥ ପାର୍ଶ୍ୱରେ ଖୁଣ୍ଟି ଲାଗି ହୋଇଥିଲେ। ଠାକୁରଙ୍କ ସମ୍ମୁଖରେ ବାଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୯ରୁ ଉର୍ଦ୍ଧ୍ୱ କାଠ ଚକ୍ର ସମେତ ହାବେଳି, ଗଡମ୍ଭା ଆଦି ବାଣ ମରାଯାଇଥିଲା। ଏହାକୁ ଦେଖିବା ପାଇଁ ପିପିଲି ତଥା ଆଖପାଖ ଗ୍ରାମର ଲୋକମାନଙ୍କର ପ୍ରବଳ ସମାଗମ ହୋଇଥିଲା। ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ପିପିଲି ଥାନା ଆଇଆଇସି ଶରତ କୁମାର ସାହୁଙ୍କ ସମେତ ଫୋର୍ସ ନିୟୋଜିତ ହୋଇଥିଲେ।

## ପହଣ୍ଡି ସମୟରେ ସୀମିତ ସଂଖ୍ୟକ ଘଣ୍ଟୁଆ ସ୍ନାନମଣ୍ଡପରେ ରହିବେ

ପୁରୀ ଅଫିସ,୧୫।୬:

ଆସନ୍ତା ୧୭ତାରିଖରେ ସ୍ନାନଯାତ୍ରା। ମହାପ୍ରଭୁ ରତ୍ନସିଂହାସନରୁ ଓହ୍ଲାଇ ସ୍ନାନମଣ୍ଡପକୁ ଯିବେ। ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ହାତୀବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ଲକ୍ଷାଧିକ ଭକ୍ତ ସ୍ନାନମଣ୍ଡପରେ ଦାରୁଦିଅଁଙ୍କୁ ଦର୍ଶନ କରିବେ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟବସ୍ଥାବଳୀ ପ୍ରସ୍ତୁତ କରାଯାଇଛି। ଏହି ଅନୁଯାୟୀ, ସ୍ନାନ ପୂର୍ଣ୍ଣିମା ଦିନ ମଙ୍ଗଳାର୍ପଣ ସମୟରେ କେବଳ ନୀତି ସମ୍ପୃକ୍ତି ସେବକ, ପରିଚାଳନା କମିଟି ସଦସ୍ୟ ଓ ଅଧିକାରୀମାନେ ଭିତରକାଠ ପାଖରେ ଉପସ୍ଥିତ ରହିପାରିବେ। ପହଣ୍ଡି ସମୟରେ ଜଗମୋହନ କିମ୍ବା ନାଟମଣ୍ଡପରେ କୌଣସି ମାନ୍ୟଗଣ୍ୟ ବ୍ୟକ୍ତି କିମ୍ବା ଦର୍ଶନାର୍ଥୀ ରହିବା ସମ୍ପୂର୍ଣ୍ଣ ନିଷେଧ। କୀର୍ତ୍ତନ ଚକଡ଼ା, ଆନନ୍ଦ ବଜାର ଏବଂ ଗାରଦ ନିକଟରେ ସୁଦୃଢ଼ ବ୍ୟାରିକେଡ କରାଯିବ। ପହଣ୍ଡି ସମୟରେ ଦର୍ଶନାର୍ଥୀମାନେ ଯେପରି ମହାପ୍ରଭୁଙ୍କୁ ସ୍ପର୍ଶ କରି ନ ପାରନ୍ତି କିମ୍ବା କୌଣସି ପ୍ରକାର ବାଧା ସୃଷ୍ଟି ନ କରନ୍ତି ସେଥିପ୍ରତି ଦଇତାପତି ଓ ପ୍ରତିହାରୀ ସେବକମାନେ ଏବଂ ପୋଲିସ ଦୃଷ୍ଟି ଦେବେ। ପହଣ୍ଡି ସମୟରେ ସୀମିତ ସଂଖ୍ୟକ ଘଣ୍ଟୁଆଙ୍କୁ ସ୍ନାନ ମଣ୍ଡପ ଉପରକୁ ଛଡାଯିବ। ଅନ୍ୟ ଘଣ୍ଟୁଆମାନେ ସ୍ନାନମଣ୍ଡପ ପାହାଚ ତଳେ ଉପସ୍ଥିତ ରହି ଘଣ୍ଟ ବାଦନ କରିବେ। ପହଣ୍ଡି ଓ ରୁନ୍ଧା କାର୍ଯ୍ୟ ସରିବା ପରେ ମହାପ୍ରଭୁଙ୍କ ସମ୍ମୁଖରେ କୌଣସି ସେବକ ରହିପାରିବେ ନାହିଁ। ଶ୍ରୀବିଗ୍ରହଙ୍କ ଶ୍ରୀଭୁଜ ଭିତରେ କିମ୍ବା କୌଣସି ଅଙ୍ଗରେ ଭାରା ଦେଇ ସେବାୟତ ଛିଡ଼ା ହୋଇପାରିବେ ନାହିଁ। ଶ୍ରୀଭୁଜ ତଳେ ମଧ୍ୟ କେହି ବସିବେ ନାହିଁ। ଜଳବିଜେ, ଜଳପୂଜା ଓ ଜଳଲାଗି ସମୟରେ କୌଣସି ସେବକ ଶ୍ରୀବିଗ୍ରହମାନଙ୍କ ପ୍ରଭା ଉପରେ କିମ୍ବା ପ୍ରଭା ପାର୍ଶ୍ୱ କାନ୍ଥରେ ବସିପାରିବେ ନାହିଁ। ଏହି ସମୟରେ କେତେଜଣ ସେବକ ସ୍ନାନମଣ୍ଡପରେ ରହିବେ ତାହା ମଧ୍ୟ ବ୍ୟବସ୍ଥାବଳୀରେ ଉଲ୍ଲେଖ କରାଯାଇଛି।



ଶ୍ରୀଜୀଉଙ୍କ ସ୍ନାନ ଯାତ୍ରା ଲାଗି ସ୍ନାନମଣ୍ଡପରେ ରଙ୍ଗ ଦିଆଯାଉଛି।

## ■ବଡ଼ଦାଣ୍ଡରୁ ହଟିଲା ଜବରଦଖଲ ୧୯ ହଜାର ଟଙ୍କା ଜରିମାନା ଆଦାୟ

ପୁରୀ ଅଫିସ,୧୫।୬:

ଆସନ୍ତା ୧୭ତାରିଖରେ ସ୍ନାନଯାତ୍ରା। ଏହାପରେ ରଥଯାତ୍ରା, ବାହୁଡା, ସୁନାବେଶ, ଅଧରପଣା ଏବଂ ନିଳାଦ୍ରୀବିଜେ। ସ୍ନାନଯାତ୍ରାଠାରୁ ନିଳାଦ୍ରିବିଜେ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ଗହଳି ହେବ। ଏହାକୁ ଦୃଷ୍ଟିରେ ରଖି ଶନିବାର ବଡ଼ଦାଣ୍ଡ ଉଭୟପାର୍ଶ୍ୱକୁ ଜବରଦଖଲ କରି ବସୁଥିବା ଉଠାଦୋକାନୀ ଏବଂ ଡ୍ରେନ୍ ଉପରେ ବସିଥିବା ଦୋକାନ ଉଚ୍ଛେଦ ଆରମ୍ଭ କରିଛି ପୌରସଂସ୍ଥା। ଶନିବାର ମାଇକ୍ ଯୋଗେ ପ୍ରଥମେ ଦୋକାନୀମାନଙ୍କୁ ଉଠିଯିବାକୁ କୁହାଯାଇଥିଲା। ଏହାସତ୍ତ୍ୱେ ଅନେକ ଉଠି ନ ଥିଲେ। ତେଣୁଏନ୍‌ଫୋର୍ସମେଣ୍ଟ ଟିମ୍ ପ୍ରାୟ ୧୫୦ ଉଠାଦୋକାନକୁ ହଟାଇଥିଲା। ଏହି ଉଚ୍ଛେଦ ସମୟରେ ୧୯ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ରବିବାର ଜେସିବି ଏବଂ ଟ୍ରାକ୍ଟର ଲଗାଇ ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଦେବ ଦମ୍ପତିଙ୍କ ରୋଶଣି ଶୋଭାଯାତ୍ରାରେ କାଠଚକ୍ର ପ୍ରଦର୍ଶନ

ସାକ୍ଷୀଗୋପାଳ, ୧୪।୬(ଡି.ଏନ୍.ଏ.)

ଆଦ୍ୟ ଶାସନ ବୀରରାମଚନ୍ଦ୍ରପୁରରେ ୩ ଦିନ ବ୍ୟାପୀ ଅନୁଷ୍ଠିତ ବିଷ୍ଣୁ ବିବାହ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ଦେବ ଦମ୍ପତିଙ୍କ ରୋଷଣୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଦୁଇଟି ସୁସଜ୍ଜିତ ରଥରେ ଗ୍ରାମର ଆରାଧ୍ୟଦେବ ଗୋପିନାଥଙ୍କ ସହିତ ରୁକ୍ମିଣୀ, ଅନନ୍ତେଶ୍ୱର, ଲକ୍ଷେଶ୍ୱର, ବାଲୁଙ୍କେଶ୍ୱର ଓ ଈଶାନେଶ୍ୱର, ଲକ୍ଷ୍ମୀନାରାୟଣ, ମଣିନାଗଦୁର୍ଗା ଓ କନକଦୁର୍ଗା ବିଜେ କରି ଗ୍ରାମ ପରିକ୍ରମା କରିଥିଲେ। ଚାରିଖଣ୍ଡି ବିଶିଷ୍ଟ ଏହି ଗ୍ରାମର ପାରମ୍ପରିକ କାଠଚକ୍ର (ଆତଶବାଜୀ ) ପ୍ରଦର୍ଶନ କରାଯାଇଥିଲେ ମଧ୍ୟ ପୂର୍ବବର୍ଷ ମାନଙ୍କ ତୁଳନାରେ କାଠଚକ୍ର ସଂଖ୍ୟା କମ୍ ରହିଥିବା ଦେଖାଯାଇଥିଲା। ବାତ୍ୟାଯୋଗୁ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ସାଙ୍ଗକୁ ପ୍ରତିକୂଳ ପରିସ୍ଥିତିରେ କେବଳ ଠାକୁରଙ୍କ ନୀତି ଚଳାଇବାକୁ ପଡୁଛି ବୋଲି ଗ୍ରାମର ହୃଷୀକେଶ ମିଶ୍ର କହିଛନ୍ତି। ପ୍ରଥମେ ଚତୁର୍ଥ ଓ ତୃତୀୟ ଖଣ୍ଡି ପକ୍ଷରୁ ପ୍ରସ୍ତୁତ କରାଯାଇଥିବା କାଠଚକ୍ର ଠାକୁରଙ୍କ ଆଜ୍ଞାମାଳ ଲାଗିକରାଯାଇ ଗୋଟିଏ ପରେ ଗୋଟିଏ ଅଗ୍ନି ସଂଯୋଗ କରାଯାଇଥିଲା। ଏହାପରେ ଦ୍ୱିତୀୟ ଓ ପ୍ରଥମ ଖଣ୍ଡି ପକ୍ଷରୁ ଆତଶବାଜୀ ପ୍ରଦର୍ଶନ କରାଯାଇଥିଲା। ଦେବ ଦମ୍ପତିଙ୍କୁ ମେଲାଣି ଦେବାପାଇଁ ଗୋପୀନାଥ ଦେବଙ୍କ ଟ୍ରଷ୍ଟବୋର୍ଡ ସଦସ୍ୟ, ସବୁ ବର୍ଗର ସେବାୟତ ଓ ଗ୍ରାମ କୋଠ କମିଟି ସଦସ୍ୟବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଲିଟିଲ୍ ଷ୍ଟାର ଗ୍ରୁପ୍‌ର ପ୍ରତିଷ୍ଠା ଦିବସ ସମାରୋହ

ନିମାପଡ଼ା,୧୫।୬(ଡି.ଏନ୍.ଏ.):

ନିମାପଡ଼ାର ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପର ୧୭ତମ ପ୍ରତିଷ୍ଠା ଦିବସ ସମାରୋହ ଓ ରଜ ମଉଜ କାର୍ଯ୍ୟକ୍ରମ ପାଟପୁରସ୍ଥିତ ବାବା ଲୋକନାଥଙ୍କ ପୀଠରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରୁପ ସମ୍ପାଦକ ସୁମନ୍ତ ମହାରଣା ଅଧ୍ୟକ୍ଷତା କରିବା ସହ ସଂଯୋଜନା କରିଥିଲେ। ଅତିଥିଭାବେ ଭୁବନେଶ୍ୱର ଅମ୍ରିତା ବିଶ୍ୱବିଦ୍ୟାପୀଠର ପ୍ରତିଷ୍ଠାତା ରବି କଳାଚାନ୍ଦ, ସାମାଜିକକର୍ମୀ କୃଷ୍ଣଚନ୍ଦ୍ର ନାୟକ, ଓଡ଼ିଶା ଖଣି ନିଗମର ଜିଏମ୍ ଅଶୋକ ବେହେରା, ଅଧ୍ୟାପକ ପ୍ରଣବ ସ୍ୱାଇଁ, ସୁବ୍ରତ ମହାନ୍ତି, ଶିକ୍ଷକ ତଥା କ୍ରୀଡାବିତ୍ ନିର୍ମଳ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କବି କାଳିକିଙ୍କରଙ୍କ କବିତା ସଙ୍କଳନ'ଆସ ଆଉଥରେ କୁଶବିଧ ହେବା' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କାଇଁ ଅଧ୍ୟାପକ ଡ. ରବୀନ୍ଦ୍ର ନାଥ ପାଢୀଙ୍କୁ ଲୋକନାଥ ମିଶ୍ର ସ୍ମୃତି ସମ୍ମାନ ଓ ଶିକ୍ଷୟିତ୍ରୀ ଅମିତା ପ୍ରଧାନଙ୍କୁ ହଟ କିଶୋର ସ୍ୱାଇଁ ସ୍ମୃତି ସମ୍ମାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କଳାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିଶୁ କଳାକାର ଅଭିଲିପସା ମିଶ୍ର ଓ ଶ୍ରେୟଶ୍ରୀ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ରଜ ଉତ୍ସବ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୁଚି, ତାସ, ଲୁଡୁଖେଳ ଓ ରଜଦୋଳୀ ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରୁପ ପକ୍ଷରୁ ଅଜୟ ମିଶ୍ର, ଧର୍ମପଦ ଦାସ, ଅମିୟ ମିଶ୍ର ଉତ୍ସବକୁ ପରିଚାଳନା କରିଥିଲେ। ଏହି ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି, ଛାତ୍ରୀଛାତ୍ର ଓ ଶିଶୁ କଳାକାରମାନେ ଯୋଗଦେଇଥିଲେ।



ଭିକାରୀପଡ଼ାସ୍ଥିତ ମା' ଭାଲେଶ୍ୱରୀଙ୍କ ପୀଠରେ ସଂକୀର୍ତ୍ତନ ଚାଲିଛି।

## ଜମିଲା ସଂକୀର୍ତ୍ତନ ମହୋତ୍ସବ

ପୁରୀ ଅଫିସ,୧୫।୬:

ପୁରୀ ସଦର ବ୍ଲକ ଅନ୍ତର୍ଗତ ଚାଲିଶିବାଟିଆ ପଞ୍ଚାୟତର ସଂକୀର୍ତ୍ତନ ମଣ୍ଡଳୀଙ୍କୁ ନେଇ ଦ୍ୱିତୀୟ ରଜ ଓ ସଂକୀର୍ତ୍ତନ ମହୋତ୍ସବ ଶନିବାର ଭିକାରୀପଡ଼ାସ୍ଥିତ ମା' ଭାଲେଶ୍ୱରୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଲିଶିବାଟିଆର ୧୪ଟି ସଂକୀର୍ତ୍ତନ ମଣ୍ଡଳୀ ସହିତ ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ସଂସ୍କୃତ ସମନ୍ୱୟ ସାମୁଖ୍ୟ ପୁରୀ ଜିଲା ସଭାପତି ବସନ୍ତ କୁମାର ପ୍ରଧାନ, ପୁରୀ ସଦର ବ୍ଲକ ସଂକୀର୍ତ୍ତନ ମଣ୍ଡଳୀ ସଭାପତି ଦୁର୍ଯୋଧନ ପ୍ରଧାନ, ଜିଲା ସମ୍ପାଦକ ଲକ୍ଷ୍ମୀଧର ସ୍ୱାଇଁ, କଳା ସଂସ୍କୃତି ସଂଘ ଉପସଭାପତି ବିଜୟ ଚନ୍ଦ୍ର ସାମନ୍ତରାୟ, ଚାଲିଶିବାଟିଆ ପଞ୍ଚାୟତର ସଦାଶିବ ସ୍ୱାଇଁ, ସତ୍ୟପ୍ରିୟ ଜେନା, ମହେନ୍ଦ୍ର ପ୍ରଧାନ, ମାଧବ ଜେନା, ଅର୍ଜୁନ ପ୍ରଧାନ, ଭରତ ପ୍ରଧାନ, ଗଙ୍ଗାଧର ପଲେଇ, ଗନ୍ଧର୍ବ ଭୋଳ, ଧଡ଼ିଆ ପାତ୍ର, ସାଗର ପଲେଇ, ସୁରଥ ବରାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଏନ୍‌ଡିଏ, ମୋଦିଙ୍କ ପାଇଁ ରଖିଥିବା ମାନସିକ ପୂରଣ ହେଲା

## ସୁରଟରୁ ପୁରୀ ମୋଟରସାଇକେଲ ଯାତ୍ରା

ପୁରୀ ଅଫିସ,୧୫।୬:

ଏନ୍‌ଡିଏ ୩୫୦ରୁ ଉର୍ଦ୍ଧ୍ୱ ଆସନ ପାଇଲେ ଏବଂ ମୋଦି ଦ୍ୱିତୀୟ ଥର ଲାଗି ପ୍ରଧାନମନ୍ତ୍ରୀ ହେଲେ ସେମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବେ। ମୋଟରସାଇକେଲରେ ଗୁଜୁରାଟର ସୋମନାଥ ମନ୍ଦିରରୁ ଯାତ୍ରା ଆରମ୍ଭ କରି ଶ୍ରୀମନ୍ଦିରରେ ପହଞ୍ଚିବେ। ଏମିତି ମାନସିକ ରଖିଥିଲେ ସୁରଟସ୍ଥିତ ବିଜୁ ପଟ୍ଟନାୟକ ଓଡ଼ିଆ ମିଶନର ୬ସଦସ୍ୟ ତଥା ଭାଜପା କାର୍ଯ୍ୟକର୍ତ୍ତା। ଏମାନଙ୍କ ମଧ୍ୟରେ ପ୍ରବାସୀ ଓଡ଼ିଆ ଜୟନ୍ତ କୁମାର ବରାଳଙ୍କ ସମେତ ମନସୁଖ୍‌ଲାଲ ବାଇ, ଦେବେନ୍ଦ୍ର ନାଥ ପଟେଲ, ଦୀନେଶ ମିଶ୍ରା ଓ ହିମାଂଶୁ ପଟେଲ ରହିଛନ୍ତି। ସେମାନଙ୍କ ମାନସିକ ପୂରଣ ହୋଇଥିବାରୁ ଗତ ୮ତାରିଖରେ ସୋମନାଥ ମନ୍ଦିରରୁ ମୋଟରସାଇକେଲ ଯାତ୍ରାରେ ବାହାରିଥିଲେ। ବାଟରେ ବିଭିନ୍ନ ଦେବାଳୟ ଦର୍ଶନ କରିଥିଲେ। ସମ୍ବଲପୁରର ମା' ସମଲେଶ୍ୱରୀ ମନ୍ଦିରରେ ଗୋଟିଏ ଦିନ ବିତାଇଥିଲେ। ଶୁକ୍ରବାର ରାତିରେ ଏମାନେ ଶ୍ରୀକ୍ଷେତ୍ରରେ ପହଞ୍ଚିଥିଲେ। ସକାଳେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସିଂହଦ୍ୱାରରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏମାନେ କହିଥିଲେ, ଆମେ ଆଉ ଏକ ମାନସିକ ରଖିଛୁ। ଓଡ଼ିଶାରେ ଭାଜପା ସରକାର ଗଢିଲେ ଜଗନ୍ନାଥ ଧାମରୁ ୪ ଧାମ ଯାତ୍ରା କରିବୁ।



ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସିଥିବା ମାନସିକଧାରୀ ତଥା ଭାଜପା କାର୍ଯ୍ୟକର୍ତ୍ତା।

### ■ ବାଲିହରଚଣ୍ଡୀ ପୀଠରେ ରଜ ଉତ୍ସବ

## ମା'ଙ୍କୁ ଲାଗିହେଲା ଚୁଡ଼ାଘଷା ଭୋଗ

ବ୍ରହ୍ମଗିରି, ୧୫।୬(ଡି.ଏନ୍.ଏ.)

ବ୍ରହ୍ମଗିରିର ବାଲି ହରଚଣ୍ଡୀ ପୀଠରେ ଅନୁଷ୍ଠିତ ରଜ ଉତ୍ସବର ଶନିବାର ଥିଲା ଦ୍ୱିତୀୟ ଦିନ। ଦ୍ୱିତୀୟ ଦିନ ଅର୍ଥାତ ରଜ ସଂକ୍ରାନ୍ତି ଦିନ ମା'ଙ୍କ ନିକଟରେ ଚୁଡାଘସା ଭୋଗ ଲାଗି ହୋଇଥିଲା। ଓଡ଼ିଶାରେ ଥିବା ଶକ୍ତି ପୀଠ ମାନଙ୍କ ମଧ୍ୟରୁ ବାଲି ହରଚଣ୍ଡୀ ପୀଠ ଅନ୍ୟତମ। ଏଠାକାର ରୀତି ନୀତି ସମ୍ପୂର୍ଣ୍ଣ ନିଆରା। ଏହି ପୀଠରେ ବର୍ଷଯାକ ଆମିଷ ଭୋଗ କରାଯାଇଥାଏ। ଯେଉଁ ଆଡୁ ଯେତେ ଭକ୍ତ ଆସିଥାନ୍ତି ମା'ଙ୍କ ନିକଟରେ ଆମିଷ ଭୋଗ କରିଥାନ୍ତି। କିନ୍ତୁ ରଜ ସଂକ୍ରାନ୍ତିରେ ଚଷା ପୁଅମାନେ କ୍ଷେତରେ ଭଲ ଫସଲ ହେବା ପାଇଁ ମା'ଙ୍କ ନିକଟରେ ମାନସିକ କରି ଚୁଡାଘସା ଭୋଗ ଲଗାଇଥାନ୍ତି। ଏହି ପରମ୍ପରା ପୁରୁଷ ପୁରୁଷ ଧରି ଜାରି ରହିଛି। ପ୍ରତ୍ୟେକ ପରିବାରରୁ ଜଣେ ଜଣେ ସଦସ୍ୟ ମା' ଙ୍କ ନିକଟକୁ ଚୁଡାଘଷା ଭୋଗ ପାଇଁ ଆଣିଥାନ୍ତି। ଏହି ଦିନ ଏହି ପୀଠରେ ଚୁଡା ଘଷାର ମହକ ସ୍ୱତନ୍ତ୍ର ଥାଏ। ଶନିବାର ରଜ ସଂକ୍ରାନ୍ତି ପଡିଥିବାରୁ ଏହି ଚୁଡାଘଷା ମାନସିକ ଧାରୀଙ୍କ ଭିଡ ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ କୋଠସାହିର କୃଷ୍ଣଚନ୍ଦ୍ର ଜେନା କୁହନ୍ତିମ୍, ଏହି ଭୋଗ ଆମ ପୁରୁଷ ପୁରୁଷ ଧରି କରି ଆସୁଛୁ। ସେତେବେଳେ ଆମ ବାପା କରୁଥିଲେ। ଏବେ ଆମେ କରୁଛୁ। ସେହିପରି ବନ୍ଧକେରା ଗ୍ରାମର ସୁକାନ୍ତ ନାୟକ କୁହନ୍ତି, ଆମେ ସାଧାରଣତଃ କୃଷି କାର୍ଯ୍ୟ କରି ଜୀବିକା ନିର୍ବାହ କରୁ। ଏଣୁ ଚାଷ କାମ ଆରମ୍ଭ କରିବା ପୂର୍ବରୁ ଆମେ ମା'ଙ୍କ ପାଖରେ ଏହି ଚୁଡାଘଷା ଭୋଗ ସମର୍ପଣ କରି ଥାଉ। ପରେ ଆମର ଚାଷ କାର୍ଯ୍ୟ ଆରମ୍ଭ କରୁ।



ମା'ଙ୍କ ଲାଗି ଚୁଡ଼ାଘଷା ତିଆରି କରାଯାଉଛି।